

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୭ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 7 NOVEMBER 2020

Vol.No. 30 ■ No. 281 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ବହୁ ଅପେକ୍ଷାର ଅବସାନ ଘଟାଇ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଡିସେମ୍ବର ୩୧ ଯାଏଁ ସ୍କୁଲ ବନ୍ଦ

➪ ସ୍କୁଲ ବନ୍ଦ ଥିଲେ ବି ଚାଲୁ ରହିବ ପରୀକ୍ଷା ଓ ଖାତାଦେଖା
➪ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି

ଭୁବନେଶ୍ୱର,୬।୧୧ (ନି.ପ୍ର): ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍କୁଲ ବନ୍ଦ ରହିବ। କରୋନା ସଂକ୍ରମଣ ଦୃଷ୍ଟିରୁ ସରକାର ଏଭଳି ନିଷ୍ପତି ନେଇଛନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ଦିନ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ସ୍କୁଲ ବନ୍ଦ ରହିଲେ ବି ପରୀକ୍ଷା , ମୂଲ୍ୟାଙ୍କନ ଓ ନାମଲେଖା ପ୍ରକ୍ରିୟା ଜାରି ରହିବ। ସେହିଭଳି ଅନ୍‌ଲାଇନ୍ କ୍ଲାସ ମଧ୍ୟ ପୂର୍ବ ପରି ଚାଲିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଆଜି ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହା ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କହିଥିଲେ ଯେ, ଚଳିତ ମାସରେ ସ୍କୁଲ୍ ଖୋଲିବା ନେଇ ଯେଉଁ ନିଷ୍ପତି ନିଆଯାଇଥିଲା, ତାକୁ ରାଜ୍ୟ ସରକାର ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। ଏଣୁ ନଭେମ୍ବର ମାସରେ ନବମରୁ ଦ୍ୱାଦଶ ଶ୍ରେଣୀ ଲାଗି ସ୍କୁଲ୍ ଖୋଲିବ ନାହିଁ। ଚଳିତ ମାସରେ ଏହି ଶ୍ରେଣୀ ଖୋଲିବା ପାଇଁ ନିଆଯାଇଥିବା ନିଷ୍ପତିକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଡିସେମ୍ବର ୨ୟ ସପ୍ତାହରେ କୋଭିଡ-୧୯ର ୨ୟ ସଂକ୍ରମଣ ଲହର ଆସିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ନିଆଯାଇଛି ବୋଲି ଶ୍ରୀ ଦାଶ କହିଛନ୍ତି। ସୂଚନାଯୋଗ୍ୟ ଯେ ଅନଲକ୍ ପରେ ନିକଟରେ ଆନ୍ଧ୍ରପ୍ରଦେଶ ସମେତ କେତେକ ରାଜ୍ୟରେ ସ୍କୁଲ ଖୋଲିଥିଲା। ମାତ୍ର ଏଥିଯୋଗୁଁ ବହୁ ଶିକ୍ଷକ ଓ ଛାତ୍ରଛାତ୍ରୀ କରୋନା ସଂକ୍ରମିତ ହୋଇଥିଲେ। ନଭେମ୍ବର ମାସରେ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସ୍କୁଲ ଖୋଲିବାକୁ ଗଣଶିକ୍ଷା ବିଭାଗ ନିଷ୍ପତି ନେଇଥିଲା। ତେବେ ଆନ୍ଧ୍ରର ସ୍ଥିତି ଦେଖି ନିଷ୍ପତି ବଦଳାଯାଇଛି।

ପ୍ରକାଶ ପାଇଲା ଓଜେଇଇ ରେଜଲ୍ଟ

ଭୁବନେଶ୍ୱର,୬।୧୧ (ନି.ପ୍ର): ଚଳିତବର୍ଷର ଓଜେଇଇ ରେଜଲ୍ଟ ପ୍ରକାଶ ପାଇଛି। ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ଦ୍ୱାରା ଫଳ ପ୍ରକାଶିତ ହୋଇଛି। ଏଥିରେ ମୋଟ ୪୯,୨୬୭ ଛାତ୍ରଛାତ୍ରୀଙ୍କୁ ର୍ୟାଙ୍କ୍ ମିଳିଛି।ବିଟେକ୍ ରେ ଶୋଭିତ ପଟେଲ ଟପ୍ପର ହୋଇଥିବା ବେଳେ ଏମ ଟେକରେ ଶ୍ୟାମସୁନ୍ଦର ପଟେଲ ଟପ୍ପର ହୋଇଛନ୍ତି । ସେହିପରି ଏମବିଏରେ ଶୁଭକାନ୍ତ ସାହୁ, ଏମସିଏରେ ଜୟଦୀପ ଦେ ,ବି.ଫାର୍ମ ରେ ସୌମ୍ୟ ରଂଜନ ରାଉତରାୟ,ଏମ.ଫାର୍ମରେ ପରିମିତା ସାହୁ ଟପ୍ପର ହୋଇଛନ୍ତି। ଲାଟେରାଲ୍ ଏଂଟ୍ରି ଟେକ୍ନିକାଲ (ଡିପ୍ଲୋମା) ରେ ସୌମ୍ୟ ରଂଜନ ପାଢୀ, ଲାଟେରାଲ୍ ଏଂଟ୍ରି (ବିଏସସି) ରେ ସୁବ୍ରତ କୁମାର ସାହୁ, ଇଂଟିଗ୍ରେଟେଡ୍ ଏମବିଏରେ ରଜତ କୁମାର ଦଳାଇ, ଲାଟେରାଲ ଏଂଟ୍ରି (ଫାର୍ମ) ଗୁଣକର ସାହୁ, ଏମଆର୍କରେ ଭାରତ ଭୂଷଣ ଓ ଏମ୍ ପ୍ଲାନ୍ ରେ ଜ୍ଞାନଦା ପଣ୍ଡା ଟପ୍ପର ହୋଇଛନ୍ତି। ଉଲ୍ଲେଖନୀୟ ଯେ ପ୍ରତିବର୍ଷ ମଇ ମାସରେ ଅନୁଷ୍ଠିତ ହେଉଥିବା ଓଡିଶା ଜେଇଇ କରୋନା ମହାମାରୀ କାରଣରୁ ଚଳିତ ବର୍ଷ ଅକ୍ଟୋବର ୧୨ ରୁ ୨୨ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏବର୍ଷ ରେକର୍ଡ ସଂଖ୍ୟକ ୭୯,୭୫୪ ଛାତ୍ରଛାତ୍ରୀ ଓଜେଇଇ ପାଇଁ ପଂଜୀକରଣ କରିଥିଲେ ଏବଂ ୪୯,୨୬୭ ଜଣ ପରୀକ୍ଷା ଦେଇଥିଲେ। ପ୍ରଥମ ଥର ପାଇଁ କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମୋଡ୍ ରେ ପରୀକ୍ଷା ହୋଇଥିଲା। ଓଡିଶାର ୨୧ ଟି ସହରରେ ୫୪ଟି ସେଂଟର ଓ ଓଡିଶା ବାହାରେ ଯଥା କୋଲକାତା, ପାଟନା ଓ ରାଂଚିରେ ୫ଟି ସେଂଟର କରାଯାଇଥିଲା। ମୋଟ ୧୧ ଟି ବିଷୟରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମ ଲେଖା ପାଇଁ ଓଜେଇଇ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ସେମାନଙ୍କ ରେଜଲ୍ଟ ଓଜେଇଇର ଓ୍ୱେସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଓଜେଇଇ ଡଟ୍ ଏନଆଇସି ଡଟ୍ ଇନ୍ କିମ୍ବା ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଓଡିଶାଜେଇଇ ଡଟ୍ କମ୍ ରୁ ଡାଉନଲୋଡ୍ କରିପାରିବେ।

ଦୁଇ ଜୁନିଅର୍ ଆକାଉଂଟାଟଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଗଞ୍ଜାମ,୬।୧୧ (ନି.ପ୍ର): ବନ ବିଭାଗର ଦୁଇ ଜୁନିଅର୍ ଆକାଉଂଟାଟଙ୍କ ଘରେ ଆଜି ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ଚଢ଼ଉ ହୋଇଛି । ଆୟ ବର୍ହିଭୂତ ସମ୍ପତି ଠୁଳ କରିବା ଅଭିଯୋଗରେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବନଖଣ୍ଡ ଅନ୍ତର୍ଗତ ବାଲୁଗାଁ ଡ଼ିଏଫଓ କାର୍ଯ୍ୟାଳୟର ଜୁନିଅର ଅକାଉଂଟାଂଟ ନବୀନ ଚନ୍ଦ୍ର ବିଶୋୟୀଙ୍କ ବାଲୁଗାଁ ସ୍ଥିତ କାର୍ଯ୍ୟାଳୟ ସମେତ ଏକକାଳୀନ ତିନୋଟି ସ୍ଥାନରେ ଚଢ଼ଉ ହୋଇଥିଲା । କାର୍ଯ୍ୟାଳୟ ସମେତ ବ୍ରହ୍ମପୁର ନୀଳାଚଳ ନଗରର ତୃତୀୟ ଲେନ୍ ରେ ରହିଥିବା ତିନି ମହଲା ବିଶିଷ୍ଟ ମହଲା ବିଶିଷ୍ଟ ବାସଭବନ ଏବଂ ଚିଲିକା ଫରେଷ୍ଟ ହାଉସ୍ ନିକଟ ଘରେ ଚଢ଼ଉ ହୋଇଥିଲା । ଅନୁରୂପ ଭାବେ ଆୟ ବର୍ହିଭୂତ ସମ୍ପତି ଠୁଳ କରିବା ଅଭିଯୋଗରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବନଖଣ୍ଡ ଡ଼ିଏଫଓ କାର୍ଯ୍ୟାଳୟର ଜୁନିଅର୍ ଆକାଉଂଟାଂଟ ସୂର୍ଯ୍ୟ ନାରାୟଣ ତ୍ରିପାଠୀଙ୍କ ବ୍ରହ୍ମପୁର ସ୍ଥିତ କାର୍ଯ୍ୟାଳୟ ସମେତ ୪ଟି ସ୍ଥାନରେ ଏକକାଳୀନ ଚଢ଼ଉ ହୋଇଥିଲା । କାର୍ଯ୍ୟାଳୟ ସମେତ ବ୍ରହ୍ମପୁର କମାପଲ୍ଲୀର ନୃସିଂହ ମନ୍ଦିର ସାହି ସ୍ଥିତ ତାଙ୍କର ତିନି ମହଲା ବିଶିଷ୍ଟ କୋଠା, ବ୍ରହ୍ମପୁର ସ୍ଥିତ ବାସଭବନ ଏବଂ ବ୍ରହ୍ମପୁର ଆଙ୍କୁଲି ମୌଜା ସ୍ଥିତ ଆସିୟାନ ଅପାର୍ଟମେଂଟ । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୬।୧୧ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୧୫୩ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୯୫୯୮ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୮,୫୩୧, ବାଲେଶ୍ୱର ଜିଲ୍ଲାରେ ୧୦,୬୪୭, ବରଗଡ ଜିଲ୍ଲାରେ ୯,୦୩୪, ଭଦ୍ରକ ଜିଲ୍ଲାରେ ୬,୮୭୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ▶▶ପୃଷ୍ଠା ୭

ରାଜଧାନୀରେ ଖୋଲିବନି ମନ୍ଦିର

ଭୁବନେଶ୍ୱର,୬।୧୧ (ନି.ପ୍ର): ରାଜଧାନୀରେ ଏବେ ମନ୍ଦିର ଖୋଲିବନାହିଁ। ଭୁବନେଶ୍ୱରରେ ସଂକ୍ରମଣ ହାର ବଢୁଛି , ତେଣୁ ଏବେ ମନ୍ଦିର ଖୋଲିବା ଆଶା କ୍ଷୀଣ ବୋଲି କହିଛନ୍ତି ବିଏମସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ। ଶୁକ୍ରବାର ଦିନ ସେ କହିଛନ୍ତି ଯେ ଭୁବନେଶ୍ୱରରେ ମନ୍ଦିର ଖୋଲିବ କି ନାହିଁ ସେ ନେଇ ବିଭିନ୍ନ ଦିଗରୁ ଆଲୋଚନା ଓ ବିଚାର ବିମର୍ଷ ଚାଲିଛି। ବିଶେଷଜ୍ଞ ଓ ଡାକ୍ତରୀଟିମ ଠାରୁ ପରାମର୍ଶ ନିଆଯାଉଛି। ଭୁବନେଶ୍ୱରରେ ▶▶ପୃଷ୍ଠା ୭

ଏଲ୍‌ଏନ୍‌ଜି ବ୍ୟବହାର ବଢିଲେ ଯାନବାହାନ ପ୍ରଦୂଷଣକୁ ହ୍ରାସ କରାଯାଇପାରିବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ ଭୁବନେଶ୍ୱର,୬।୧୧ (ନି.ପ୍ର): ରାଷ୍ଟ୍ରାୟତ ପ୍ରାକୃତିକ ଗ୍ୟାସ ବିତରଣ କମ୍ପାନୀ ଗେଲ୍ ଏବଂ ଭାରତୀୟ ଅଟୋମୋବାଇଲ ନିର୍ମାଣକାରୀ ସଂଘ ସିଆମ୍ ପକ୍ଷରୁ ଶୁକ୍ରବାର ଆୟୋଜିତ 'ପରିବହନ ଇନ୍ଧନ ଭାବେ ଏଲ୍‌ଏନ୍‌ଜି' ଶୀର୍ଷକ ୱେବିନାରରେ ଯୋଗଦେଇ ଭାରତରେ ଏଲ୍‌ଏନଜି (ଲିକ୍ୟୁଫାଏଡ୍ ନେଚ୍ୟୁରାଲ ଗ୍ୟାସ୍) ବଜାରର ସମ୍ପ୍ରସାରଣ ପାଇଁ ନିର୍ଦ୍ଦିଷ୍ଟ ଏଲ୍‌ଏନ୍‌ଜି କ୍ଷେତ୍ରର ଅନୁସନ୍ଧାନ ଏବଂ ଚିହ୍ନଟ କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଦେଶରେ ଏଲ୍‌ଏନ୍‌ଜି ବ୍ୟବହାର ବଢିଲେ ଯାନବାହାନ ପ୍ରଦୂଷଣକୁ ହ୍ରାସ କରାଯାଇପାରିବ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ପରିବହନ କ୍ଷେତ୍ରରେ ଏଲ୍‌ଏନ୍‌ଜି ଭଳି ସ୍ୱଚ୍ଛ ଇନ୍ଧନକୁ ପ୍ରୋତ୍ସାହନ ଦିଆଗଲେ ଦେଶର ସର୍ବତ୍ର ସ୍ଥାନରେ ଲାଭ ମିଳିପାରିବ । ବିଶେଷ ଭାବରେ ଯାନବାହାନ ପ୍ରଦୂଷଣକୁ ହ୍ରାସ କରାଯିବା ସହ ଏଲଏନଜିର ଆମଦାନୀକୁ କମାଯାଇପାରିବ ଓ ଉର୍ଜା ମିଶ୍ରଣରେ ଗ୍ୟାସ ଭାଗକୁ ବଢ଼ାଯାଇପାରିବ । ଭାରତରେ ଏଲ୍‌ଏନ୍‌ଜି ବଜାରର ସମ୍ପ୍ରସାରଣ କରାଗଲେ ଦେଶର ଗ୍ୟାସ ମୂଲ୍ୟ ଶୃଙ୍ଖଳାରେ ଜାହାଜ ମାଲିକ, ଗାଡି ନିର୍ମାଣ କରୁଥିବା ସଂସ୍ଥା ଓ ଅଂଶୀଦାରମାନେ ଲାଭବାନ ହେବେ ଏବଂ ଏକ ଉତମ ପରିବେଶ ସୃଷ୍ଟି ହୋଇପାରିବ । ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ରହିଛି । ବର୍ତମାନ ସମୟରେ ଏହା ଉପରେ ଅଧିକ ଧ୍ୟାନ ଦିଆଯାଉଛି ଏବଂ ଏଥିପାଇଁ ଭାରତ ସରକାର ଅନେକ ସହାୟତା ଓ ସହଯୋଗ ଦେଉଛନ୍ତି । ଭାରତ ସରକାର ପ୍ରାକୃତିକ ଗ୍ୟାସକୁ ପ୍ରୋତ୍ସାହନ ଦେବା ଦିଗରେ କାମ କରୁଛନ୍ତି । ୨୦୩୦ ସୁଦ୍ଧା ପ୍ରାକୃତିକ ଗ୍ୟାସର ସେୟାରକୁ ବର୍ତମାନର ୬.୩ ପ୍ରତିଶତରୁ ୧୫ ପ୍ରତିଶତ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେହିପରି ଚୀନ ଏବଂ ଆମେରିକା ପରେ ଦ୍ୱିତୀୟ ବୃହତମ ଜନସଂଖ୍ୟା ଆଧାରରେ ଭାରତ ତୃତୀୟ ସର୍ବବୃହତ ଉର୍ଜା ▶▶ପୃଷ୍ଠା ୭

ଓଡିଶାରେ ଉତ୍ପାଦନ ହେବ କରୋନା ଟୀକା

ଅନ୍ଧାରୁଆରେ ପ୍ରତିଷ୍ଠା ହେବ ଟୀକା ପ୍ରସ୍ତୁତିକରଣ କାରଖାନା

ଭୁବନେଶ୍ୱର,୬।୧୧ (ନି.ପ୍ର): ଭୁବନେଶ୍ୱର ଉପକଣ୍ଠସ୍ଥ ଅନ୍ଧାରୁଆରେ ଏକ ଟିକା ପ୍ରସ୍ତୁତିକରଣ କାରଖାନା ନିର୍ମାଣ କରାଯିବ । ଭାରତ ବାୟୋଟେକ୍ ଇଂଟରନ୍ୟାସନାଲ ଲିଃ ଏଠାରେ ଟିକା ଉତ୍ପାଦନ କରିବ। କରୋନା ଓ ମ୍ୟାଲେରିଆ ସମେତ ମୋଟ ୧୦ ପ୍ରକାର ଟୀକା ଉତ୍ପାଦନ ହେବ। ଖୁବ୍ ଶୀଘ୍ର କାରଖାନାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥି ପାଇଁ ଭାରତ ବାୟୋଟେକ୍ ୩୦୦ କୋଟି ଟଙ୍କାର ପୁଂଜି ନିବେଶ କରିବ । ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ପ୍ରସ୍ତାବ ପାରିତ ହୋଇଛି। ଏଥିସହ ଧାର୍ଯ୍ୟସମୟରେ ଟୀକା ଉତ୍ପାଦନ ପାଇଁ ୧୫ ଦିନ ମଧ୍ୟରେ କାରାଖାନା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

ବିଜେଡିର ପ୍ରାଥମିକ ସଭ୍ୟପଦରୁ ଜୀବନଙ୍କ ଇସ୍ତଫା

ବାଲେଶ୍ୱର,୬।୧୧ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନ ବେଳେ ଦଳ ବିରୋଧୀ କାର୍ଯ୍ୟ କରିଥିବା କାରଣରୁ ଗତକାଲି ବିଜେଡିରୁ ନିଲମ୍ବିତ ହୋଇଥିବା ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ଆଜି ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ରାଣୀପାଟଣାଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଦଳୀୟ ନିଷ୍ପତି ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖିବା ସହିତ ସଂପୂର୍ଣ୍ଣ ଭାବେ ବିଜେଡି ପରିତ୍ୟାଗ କରୁଥିବା ନେଇ ସେ ସୂଚନା ଦେଇଛନ୍ତି। ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ସେ ନିଜର ଇସ୍ତଫାପତ୍ର ଫାକ୍ସ ଯୋଗେ ପଠାଇ ଦେଇଥିବା ଶ୍ରୀ ଦାଶ ପ୍ରକାଶ କରିଛନ୍ତି। ଉପ-ନିର୍ବାଚନ ପୂର୍ବରୁ ବିଜେଡି ନେତୃମଣ୍ଡଳୀଙ୍କ ଦ୍ୱାରା ବାରମ୍ବାର ଅପମାନିତ ଓ ଲାଞ୍ଛିତ ହୋଇ ସେ ମାନସିକ ନିର୍ଯାତନା ସହି ଚାଲିଥିଲେ। ନିଲମ୍ବନ ଦ୍ୱାରା ଏଥିରୁ ମୁକ୍ତି ପାଇଥିବା କାରଣରୁ ସେ ଦଳର ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।୨୦୦୯ ମସିହାରେ ବିଜେପି-ବିଜେଡି ମେଣ୍ଟ ଭାଙ୍ଗିବା ପରେ ସଦର ନିର୍ବାଚନମଣ୍ଡଳୀରେ ବହୁ ପରିଶ୍ରମ କରି ସେ ଦଳୀୟ ସଂଗଠନକୁ ଆଗକୁ ନେବାରେ ସକ୍ଷମ ହୋଇଥିଲେ। ନିଜେ ବିଧାୟକ ଭାବେ ନିର୍ବାଚିତ ହେବା ସହ ତାଙ୍କର ପ୍ରଚେଷ୍ଟାରେ ସଦର ବ୍ଲକରେ ଦୁଇଥର ବିଜେଡି ସପକ୍ଷରେ ଚେୟାରମ୍ୟାନ ପଦବୀ ଦଖଲ ଓ ବାଲେଶ୍ୱର ପୌରପାଳିକାର ପରିଷଦ ଗଠନରେ ସକ୍ଷମ ହୋଇଥିଲେ। ଗତ ଉପ-ନିର୍ବାଚନରେ ପ୍ରାର୍ଥୀ ଚୟନ ପରେ ବି ଦଳୀୟ ନେତୃମଣ୍ଡଳୀଙ୍କ ▶▶ପୃଷ୍ଠା ୭

କରୋନାରେ ଦେଶରେ ଗତ ୨୪ ଘଂଟାରେ ୪୭,୬୩୮ ନୂଆ ମାମଲା, ୬୭୦ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୬।୧୧ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୭,୬୩୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୬୭୦ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୪,୧୧,୭୨୪ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୫,୨୦,୭୭୩ ଥିବା ବେଳେ ବର୍ତମାନ ସୁଦ୍ଧା ,୨୪,୯୮୫ଜଣ ମୃତ୍ୟୁ ବରଣ କରିଛନ୍ତି ।

ରାଜ୍ୟରେ ଆଉ ୧୫ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୩୯୩ ହେଲା

ଭୁବନେଶ୍ୱର,୬।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୩୯୩ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଓ ସମ୍ବଲପୁର ଜିଲ୍ଲାର ୩-୩ ଜଣ ଥିବା ବେଳେ ବରଗଡ ଓ ମୟୁରଭଂଜ ଜିଲ୍ଲାର ୨-୨ ଜଣ ଅଛନ୍ତି। ଏହା ବାଦ କଟକ, ମାଲକାନଗିରି, ବଲାଙ୍ଗୀର, ପୁରୀ, ବାଲେଶ୍ୱର ଜିଲ୍ଲାର ଜଣେ ଜଣେ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ୭୩ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ▶▶ପୃଷ୍ଠା ୭

ଆଜିଠାରୁ ସବୁଦିନ ଚାଲିବ ରାଉରକେଲା-ଭୁବନେଶ୍ୱର ବିଶେଷ ଟ୍ରେନ୍

ଭୁବନେଶ୍ୱର,୬।୧୧ (ନି.ପ୍ର): ନଭେମ୍ବର ମାସ ୭ ତାରିଖ ଠାରୁ ଡିସେମ୍ବର ମାସ ୩୧ ତାରିଖ ପର୍ଯ୍ୟନ୍ତ ରାଉରକେଲା-ଭୁବନେଶ୍ୱର-ରାଉରକେଲା ବିଶେଷ ଟ୍ରେନ ସପ୍ତାହକୁ ପାଂଚଦିନ ପରିବର୍ତେ ସବୁଦିନ ଚଳାଚଳ କରିବା ପାଇଁ ନିଷ୍ପତି ନିଆଯାଇଛି। ୦୨୮୬୧/୦୨୮୬୨ ରାଉରକେଲା-ଭୁବନେଶ୍ୱର-ରାଉରକେଲା ବିଶେଷ ଟ୍ରେନ ରାଉରକେଲାରୁ ସକାଳ ୫ ଟା୧୦ମିରେ ଛାଡି ଭୁବନେଶ୍ୱରରେ ଅପରାହ୍ନ ୧୨ଟା୩୦ମିରେ ପହଂଚିବ। ଫେରିବା ପଥରେ, ୦୨୮୬୨ ଭୁବନେଶ୍ୱର-ରାଉରକେଲା ବିଶେଷ ଟ୍ରେନ ଭୁବନେଶ୍ୱରରୁ ଅପରାହ୍ନ ୨ଟା୧୦ମି. ରେ ଛାଡି ରାଉରକେଲାରେ ରାତ୍ର ୯ଟା୪୦ମିରେ ପହଂଚିବ । ଏହି ବିଶେଷ ଟ୍ରେନ ପୂର୍ବରୁ ୮ ଟି କୋଚ ପରିବର୍ତେ ଏବେ ୧୦ କୋଚ ସହିତ ଚଳାଚଳ କରିବ । ଏହି ଟ୍ରେନ ରେ ଗୋଟିଏ ଏସି-ଚେୟାର କାର ଏବଂ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଚେୟାର କାର ଅତିରିକ

ଉପକାର ଦେଲାଣି, ମୋ ଉପକାରୀ ବଗିଚା : ଉଦ୍ୟମ ଜାରି ରଖିବାକୁ ହିତାଧିକାରୀଙ୍କୁ ଜିଲ୍ଲାପାଳଙ୍କ ପରାମର୍ଶ

ଯାଜପୁର,୬।୧୧ (ନି.ପ୍ର): ଉପକାର ମିଳିଲାଣି ମୋ ଉପକାରୀ ବଗିଚାରୁ । ରୋଷେଇ ଘରେ ନିଜ ହାତ ତିଆରି ବଗିଚାର ସୁସ୍ୱାଦୁ ବ୍ୟଞ୍ଜନର ସ୍ୱାଦକୁ ଚାଖି ଆନନ୍ଦିତ ହେଲେଣି ସମଗ୍ର ପରିବାର । ସରକାରଙ୍କର ମୋ ଉପକାରୀ ବଗିଚାର ସଫଳତା ଦେଖି ଗୃହିଣୀ ଯେତିକି ଉତ୍ସାହିତ ଆଗ୍ରହ ଦେଖାଇ ନଥିବା ପାଖ ପଡୋଶୀ ସେତିକି ନିରାଶ । ମୋ ଉପକାରୀ ବଗିଚାର ଏହି ସଫଳତା କିନ୍ତୁ ଗୋଟିଏ ଦିନରେ ଆସି ନାହିଁ । ଅନେକ ପରିଶ୍ରମ ଓ ଆନ୍ତରିକତା ଲଗାଇବାକୁ ପଡିଛି ହିତାଧିକାରୀଙ୍କୁ । ଯାଜପୁର ଜିଲ୍ଲାକୁ ଚଳିତ ବର୍ଷ ୧୫ ହଜାରଟି ମୋ ଉପକାରୀ ବଗିଚାର ଲକ୍ଷ୍ୟଧାର୍ଯ୍ୟ ଆସିଥିଲା । ୧୦ ଟି ଯାକ ବ୍ଲକରେ ୧୫୬୦୦ ଜଣ ହିତାଧିକାରୀଙ୍କୁ ଚୟନ କରାଯାଇଥିଲା । ପ୍ରତି ବଗିଚା ପିଛା ୧୩,୭୩୨ ଟଙ୍କା ବିନିଯୋଗର ଲକ୍ଷ୍ୟ ରଖାଯାଇଥିଲା । ଏଥିରୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୩୪୮୨ ଟଙ୍କା ଜୀବିକା ମିଶନର ୧୫୦ ଟଙ୍କା ଅନ୍ତର୍ଭୁକ୍ତ । ହିତାଧିକାରୀଙ୍କୁ ଏଥିପାଇଁ ଉପଯୁକ୍ତ ତାଲିମ ପ୍ରଦାନ କରାଯିବା ସହ କ୍ଷେତ୍ର ପ୍ରସ୍ତୁତିରେ ସହାୟତା ଦିଆଯାଇଥିଲା । ପ୍ରତ୍ୟେକ ହିତାଧିକାରୀଙ୍କ ମୋ ବଗିଚାରେ ଦୀର୍ଘ ମିଆଦୀ ପୁଷ୍ଟିକର ପରିବା ଭାବେ ଅମୃତଭଣ୍ଡା, ସଜନା, ଲେମ୍ବୁ ଓ କଦଳୀକୁ ବଗିଚାର ଚାରିପଟେ ଲଗାଯିବାର ବ୍ୟବସ୍ଥା କରାଯାଇଥିଲା । ଅବଶିଷ୍ଟ କ୍ଷେତ୍ରରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସହ ଶାଗ ଓ ଅନ୍ୟାନ୍ୟ ପନିପରିବା ଲଗାଇବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ମୋ ଉପକାରୀ ବଗିଚାରୁ ବର୍ତମାନ ଉତ୍ପାଦନ ଆରମ୍ଭ ହୋଇଛି । ଶାଗ, ବାଇଗଣ, କାକୁଡି, ଭେଣ୍ଡି, କଲରା, ଜହ୍ନି ଇତ୍ୟାଦି ନିତ୍ୟ ବ୍ୟବହାର୍ଯ୍ୟ ଗଛ ଲଗାଇଥିବା ହିତାଧିକାରୀ କେତେକର ସ୍ୱାଦ ଚାଖିଥିବା ବେଳେ ଆଉ କେତେକର ପରିପୁଷ୍ଟ ଅବସ୍ଥା ଦେଖି ଆତ୍ମହରା । ସେମାନଙ୍କର ପରିଶ୍ରମର ସାର୍ଥକତାକୁ ଅନୁଭବ କରି ବଡଚଣା ବ୍ଲକ ବଡଘୁମୁରୀ ଗ୍ରାମ ପଂଚାୟତର ପୁରୁଷୋତମପୁର ଗ୍ରାମର କମଳି ମହାରାଜା କୁହନ୍ତି, ଆମେ ତୁଟୁାରେ ସମୟ ସାରୁଥିଲୁ । ମୋ ଉପକାରୀ ବଗିଚା କରିବା ପରେ ନିଜେ ଶ୍ରମ ଦାନ କରୁଛୁ । ତଟକା ପରିବା, ଶାଗ ଇତ୍ୟାଦି ପାଉଛୁ । ଆଉ ଭାରି ଖୁସି ଲାଗୁଛି ଯେ, ମୋ ବଗିଚାରୁ ନିଜ ହାତରେ ଚାଷ କରିଥିବା ପନିପରିବା ମୋ ପରିବାରକୁ ଖୋଉଛି ବୋଲି । ଭାରି ଆତ୍ମ ତୃପ୍ତି ଲାଗୁଛି ଏ ମୋ ପଣିଆ ଉପକାରୀ ବଗିଚାରେ । ଜିଲ୍ଲାପାଳ ଚକ୍ରୱର୍ତୀ ସିଂ ରାଠୋର ସମସ୍ତ ହିତାଧିକାରୀଙ୍କୁ ଏହି ସଫଳତା ପାଇଁ ସାଧୁବାଦ ଓ ଧନ୍ୟବାଦ ଜଣାଇବା ସହ ବର୍ଷସାରା ଯେପରି ଏହି ବଗିଚାରୁ ସେମାନେ ପନିପରିବା ପାଇପାରିବେ ସେଥିପ୍ରତି ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି । ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ମୋ ଉପକାରୀ ବଗିଚା ଜିଲ୍ଲାରେ ସଫଳ ହେବା ଏକ ସାମୁହିକ ଉଦ୍ୟମର ପ୍ରତିଫଳନ ବୋଲି କହିବା ସହ ଭବିଷ୍ୟତରେ ଏହାର ସୁବିଧା ଯେପରି ଅଧିକରୁ ଅଧିକ ହିତାଧିକାରୀ ପାଇବେ ସେଥିପ୍ରତି ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ଏମ୍.ଜି.ଏନ୍.ଆର୍.ଜି.ଏ. ର ସଂଯୋଜକ ଚିନ୍ମୟ ସିଂ ଓ ଜୀବିକା ମିଶନର ସଂଯୋଜକ ପ୍ରଶାନ୍ତ ପାଢୀ ମୋ ଉପକାରୀ ବଗିଚାର ହିତାଧିକାରୀ ଓ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ସଫଳତା ପାଇଁ ଧନ୍ୟବାଦ ଜଣାଇଛନ୍ତି ।

ଯାଜପୁର ଜିଲ୍ଲାରେ ଆଳୁ ୪୦, ପିଆଜ କେଜି ପ୍ରତି ୭୦ରୁ ୮୦ ଟଙ୍କା

ଯାଜପୁର/କୋରେଇ/ଧର୍ମଶାଳା,୬।୧୧ (ନି.ପ୍ର): ରାଜ୍ୟରେ ଆଳୁ ପିଆଜର ଅହେତୁକ ଦର ବୃଦ୍ଧି ଘଟିଥିବା ବେଳେ ଯାଜପୁର ଜିଲ୍ଲାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଯାଜପୁର ଟାଉନ୍ ତଥା ପୌରାଚଂଳରେ ବିଭିନ୍ନ ହାଟ ବଜାରରେ ଆଳୁ କେଜି ପ୍ରତି ୪୦ଟଙ୍କା ଏବଂ ପିଆଜ କେଜି ପ୍ରତି ୮୦ ଟଙ୍କା ରହିଛି । ସେହିପରି ସଦର ଥାନା ଅନ୍ତର୍ଗତ ସାହାସପୁର ହାଟରେ ଆଳୁ କେଜି ପ୍ରତି ୩୫ ଟଙ୍କା ଏବଂ ପିଆଜ କେଜି ପ୍ରତି ୭୦ ଟଙ୍କା ରହିଛି । ଅନୁରୂପ ଭାବେ କୋରେଇ ବ୍ଲକ୍ ଅଂଚଳରେ ରହିଥିବା ୪ଟି ପ୍ରମୁଖ ହାଟ ଶାହାପୁର ହାଟ, କରଦା ହାଟ, ଶଙ୍ଖଚିଲା ହାଟ, ପୂର୍ବକୋଟ ହାଟରେ ଆଳୁ କେଜି ପ୍ରତି ୪୦ ଟଙ୍କା ଏବଂ ପିଆଜ କେଜି ପ୍ରତି ୬୦ରୁ ୬୫ ଟଙ୍କା ରହିଛି । ଏହା ବ୍ୟତୀତ ପାଣିକୋଇଲି, କୋରେଇ ଓ ବୈତରଣୀ ରୋଡ଼ ବଜାରରେ ଆଳୁ କେଜି ପ୍ରତି ୪୦ ଟଙ୍କା ଏବଂ ପିଆଜ କେଜି ପ୍ରତି ୬୦ରୁ ୭୦ ଟଙ୍କା ରହିଛି । ଅନୁରୂପ ଭାବେ ଧର୍ମଶାଳା ବ୍ଲକର ବାରବାଟୀ ହାଟ, କାଏମା ହାଟ, ଧର୍ମଶାଳା ହାଟ, କୁଣ୍ଡ ପାଟଣା ହାଟ, ଆରୁହା ହାଟ, କବାଟ ବନ୍ଧ, ପଦମପାଳ , କୋଡପୁର, ମିର୍ଜାପୁର, ଗଡ଼ ମଧୁପୁର, ବାଲିସାହି, ଜେନାପୁର, ନାକପୋଲ ହାଟ ଏବଂ ଜାରକା ଡ଼େଲି ମାର୍କେଟ, କଲଣ, ରମାପୁର, ଚଢ଼େଇଧରା, ନଠୁଆବର, କମାଗଡ଼, କଂଟିଗଡ଼ିଆ, ହରିଦାସପୁର ବଜାରରେ ଆଳୁ କେଜି ପ୍ରତି ୪୦ ଟଙ୍କା ଏବଂ ପିଆଜ କେଜି ପ୍ରତି ୭୦ ଟଙ୍କା ରହିଛି । ସେହିପରି ବଡ଼ଚଣା ବ୍ଲକ୍ ର ବାଲିଚନ୍ଦ୍ରପୁର ହାଟ, ସାହାପୁର ହାଟ, ଗାନ୍ଧିଛକ, ଚଣ୍ଡିଖୋଲ ଛକ, ବଡ଼ଚଣା, ଛତିଆ ବଜାର, ବୈରୀ, ଧାନମଣ୍ଡଳ ବଜାରରେ ଆଳୁ କେଜି ପ୍ରତି ୪୦ ଟଙ୍କା ଏବଂ ପିଆଜ କେଜି ପ୍ରତି ୭୦ ରୁ ୭୫ ଟଙ୍କା ରହିଛି ।

ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ କନ୍ଧମାଳ ଶାଖା ପକ୍ଷରୁ ବିକ୍ଷୋଭ

କନ୍ଧମାଳ,୬।୧୧ (ନି.ପ୍ର): ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ କନ୍ଧମାଳ ଜିଲା ଶାଖା ପକ୍ଷରୁ ଆଜି ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜିଲା ପ୍ରଶାସନକୁ ଶାଖା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସ୍ଥାନୀୟ ମାଦିକୁନ୍ଦା ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ଜିଲା ସଭାପତି ଦୟାନିଧି ମଲିକଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ପ୍ରଦୀପ କୁମାର କହଁର , ଜିଲା ସଂପାଦକ ଗୋପାଳ ଚନ୍ଦ୍ର କହଁର, ବରିଷ୍ଠ ଆଦିବାସୀ ନେତା ତଥା କନ୍ଧମାଳ କୁଇ ସମାଜ ସମନ୍ୱୟ ସମିତିର ସଂପାଦକ ଲମ୍ବୋଦର କହଁର ଓ କର୍ମକର୍ତା ପୁଷାରା କହଁର , ବିବସ୍ତ ପ୍ରଧାନ , ଭାସ୍କର ପ୍ରଧାନ ଓ ଜିଲା କୋଷାଧକ୍ଷ ଅମନ ପ୍ରଧାନ ପ୍ରମୁଖ ଏହି ଅବସରରେ ଉଦବୋଧନ ଦେଇଥିଲେ । କୋଭିଡ୍ କଟକଣା ଯୋଗୁଁ ପରିଷଦର କେବଳ ନେତୃମଣ୍ଡଳି ଏହି ବିକ୍ଷୋଭରେ ସାମିଲ୍ ହୋଇଥିବା ବେଳେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୮ ଦଫା ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହଙ୍କୁ ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ ରହିଥିବା ଦାବି ଅନୁସାରେ, ଆଦିବାସୀ ମାନଙ୍କର ପରିଚୟ ସମାପ୍ତ କରିବାକୁ ଯେଉଁ ଷଡ଼ଯନ୍ତ୍ର ଚାଲିଛି ସେଠାରୁ ନିବୃ ରହିବା, ବିକାଶ ନାମରେ ଆଦିବାସୀମାନଙ୍କର ବିସ୍ଥାପନ, ଲୋଭ ଦେଖାଇ ଆଦିବାସୀ ମାନଙ୍କର ସମ୍ପତିକୁ ସମାପ୍ତ କରିବାର ଷଡ଼ଯନ୍ତ୍ର, ଆଦିବାସୀଙ୍କ ବିରୋଧରେ ନକଲି ଓ ମିଥ୍ୟା ମାମଲା ,ଭୂ-ମାଫିଆଙ୍କ ମାଧ୍ୟରେ ଆଦିବାସୀ ମାନଙ୍କ ପ୍ରତି ହେଉଥିବା ଷଡ଼ଯନ୍ତ୍ର , ଲକ୍‌ଡ଼ାଉନ୍ ସମୟରେ ଲୋକଙ୍କର ମୌଳିକା ଅଧିକାର ଉଲଂଘନ, ଆଦିବାଦୀଙ୍କୁ ନକ୍ସଲାଇନଟ୍ ଭାବରେ ଘୋଷଣା କରିବାର ଷଡ଼ଯନ୍ତ୍ର ଠାରୁ ନିବୃତ ରହିବାକୁ କୁହାଯିବା ସହିତ ଆଦବାସୀ ମାନେ ବନବାସୀ ନୁହନ୍ତି ଭଳି ବିଭିନ୍ନ ଦାବି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି । ଏହି ଅବସରରେ ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

ପୃଷ୍ଟି ସାଧନା କେନ୍ଦ୍ରରେ ଶିଶୁର ଜନ୍ମଦିବସ ପାଳନ

କେନ୍ଦ୍ରାପଡ଼ା,୬।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୃଷ୍ଟି ସାଧନା କେନ୍ଦ୍ର ପରିସର ରେ ଅପପୃଷ୍ଟି ରୋଗରେ ପିଡିତ ଜଣେ ଶିଶୁର ଜନ୍ମ ଦିବସ ପାଳନ କରାଯାଇଛି । ଚିକିତ୍ସାଧିନ ଥିବା ଏହି ଶିଶୁ ଡେରାବିଶ ବ୍ଲକ ଅଧିନ ବାବୁରାମ ପାଟଣା ଗ୍ରାମର ସେକ ମହମ୍ମଦ ଖଲିଲ ବକ୍ସ ଓ ଫରିଦା ବେଗମ ଙ୍କ ପୁଅ ଅହିଲ ବକ୍ସ (୨) ଅପପୃଷ୍ଟି ରୋଗରେ ପିଡିତ ଥାଇ ଚିକିତ୍ସାଳୟ ରେ ଭର୍ତୀ ହୋଇଛନ୍ତି । ଆଜି ଶିଶୁଟିର ଜନ୍ମଦିନ ପଡୁଥିବାରୁ ଚିକିତ୍ସାଳୟ ପକ୍ଷରୁ ସମସ୍ତ ପ୍ରକାର ଆୟୋଜନ କରାଯାଇ ଜନ୍ମଦିବସ ପାଳନ କରାଯାଇ ଥିଲା । ଏଥିରେ ମୁଖ୍ୟ ଚିକିତ୍ସାଧିକାରୀ ଡ଼ଃ ଅନୀତା ପଟ୍ଟନାୟକ, ଡ଼ଃ ନୃପେନ ଶତପଥୀ, ଡ଼ଃ ସଚିଦାନନ୍ଦ ମୀଶ୍ର, ଡ଼ଃ କିଶୋର ଚନ୍ଦ୍ର ମିଶ୍ର, ଡ଼ଃ ନିରାକାର ପରିଡା, ଡ଼ଃ ରଶ୍ମିରଞ୍ଜନ ମହାନ୍ତି, ଡ଼ଃ ବି ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ ।

ଅଟୋକୁ ଧକ୍କା ଦେଲା ଟ୍ରକ୍ : ଅଟୋ ଚାଳକ ମୃତ

କୋରେଇ,୬।୧୧ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ସମ୍ମୁଖରେ ଗୁରୁବାର ମଧ୍ୟାହ୍ନରେ ଏକ ଡାଲା ଅଟୋକୁ ପଛରୁ ଟ୍ରକ୍ ଧକ୍କା ଦେବା ଫଳରେ ଅଟୋ ଚାଳକର ମୃତ୍ୟୁ ଘଟିଛି । ପ୍ରକାଶ ଯେ, ଯାଜପୁରରୋଡ ଥାନା ଅନ୍ତର୍ଗତ ନଟପଡା ଗ୍ରାମର ମୁରଲୀ ବେହେରାଙ୍କ ପୁଅ ବିଜୟ କେତନ(୩୦) ଏକ ଡାଲା ଅଟୋ ନଂ (ଓଡିଶା୪ ଏମ ୧୬୬୫) ନେଇ ପାଣିକୋଇଲି ସଂଜୀବନୀ ମୋର୍ଟସକୁ ସର୍ଭିସିଙ୍ଗ କରିବାକୁ ଯାଉଥିଲା । ଏହି ସମୟରେ ପଛରୁ ଏକ ଲୁହାପଥର ବୋଝେଇ ୧୨ ଚକିଆ ଟ୍ରକ୍ ନଂ (ଏପିଓ୩୦ଡବ୍ଲ୍ୟୁ ୪୫୭୯) ତାଙ୍କ ଗାଡିକୁ ଓଭରଟେକ କରି ସାଇଡକୁ ଧକ୍କା ମାରିଥିଲା । ଫଳରେ ଅଟୋଟି ଘଟଣାସ୍ଥଳେ ଓଲଟି ପଡିଥିଲା । ଚାଳକ ବିଜୟଙ୍କ ଉପରେ ଅଟୋଟି ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ଅଟୋ ତଳୁ ବିଜୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ହେଲେ ମେଡ଼ିକାଲରେ ପହଂଚିବା ପୂର୍ବରୁ ରାସ୍ତାରେ ବିଜୟଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ । ଘଟଣାସ୍ଥଳେ ପୁଲିସ ପହଂଚି ଟ୍ରକ ଓ ଅଟୋକୁ ଜବତ କରିଛି ।

ଏବେବି ସୂତାଖିଅରେ ଝୁଲୁଛି ଫେକର ପାୱାର ପ୍ଲାଂଟ ଜମିହରାଙ୍କ ନିଯୁକ୍ତି ପ୍ରସଙ୍ଗ

ଭଦ୍ରକ,୬/୧୧ (ହି.ସ.) - ଭଦ୍ରକର ରାନ୍ଦିଆସ୍ଥିତ ଫେକର ପାୱାର ପ୍ଲା ପ୍ରତିଷ୍ଠା ହେବାର ବେଶ୍ କିଛିବର୍ଷ ବିତିଗଲାଣି । କିନ୍ତୁ ଏହାର ମୂଳଦୁଆ ପକାଇଥିବା ଜମିହରା ଚାଷୀଙ୍କ ଦୁଃଖ ଏପର୍ଯ୍ୟନ୍ତ ଲାଘବ ହୋଇନାହିଁ । ମାସ ମାସ ଧରି ସେମାନେ ଜିଲା ପ୍ରଶାସନ ଓ ପ୍ଲାଂଟ କର୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଉଥିଲେ ବି ସେମାନଙ୍କର ସେତେବେଳର ପ୍ରତିଶ୍ରୁତି ପାଣିର ଗାର ହୋଇଯାଇଛି । ଜମି ଦେଇଥିବା ବ୍ୟକ୍ତିଟି ତାର ବୟସର ମଧ୍ୟାହ୍ନ୍ୟ ଅତିକ୍ରମ କରି ପରିଣତ ବୟସର ସାୟାହ୍ନରେ ପହଂଚିଲାଣି ସତ, ହେଲେ ସେ ଜମିଦେବା ବଦଳରେ ତାର ପୁଅ, ପୁତୁରା, ଭାଇଟିଏ ଚାକିରୀ ପାଇବାର ଆଶା ରଖିଥିଲା, ତାହା 'ଆକାଶ କଇଁଆଁ ଚିଲିକା ମାଛ'ରେ ପରିଣତ ହେଲାଣି । ଏଭଳି ଅଭାବନୀୟ ଘଟଣା ବରାବର ଦେଖିବାକୁ ମିଳୁଛି ଜିଲାପାଳଙ୍କ ଦପ୍ତର ଆଗରେ । ତେବେ ରାନ୍ଦିଆ ଓ ଆଖପାଖ ଅଂଚଳର ଜମି ହରାଇଥିବା ବ୍ୟକ୍ତିଙ୍କ ଭିତରେ ଗଣେଶ ପ୍ରସାଦ ପଣ୍ଡା, ଭାବଗ୍ରାହୀ ପେଡା, ନରେନ୍ଦ୍ର କୁମାର ପେଡା, ପୂଜାରାଣୀ ଭୂୟାଁ, ପ୍ରହ୍ଲାଦ ବିଶ୍ୱାଳ, ଗୋକୁଳାନନ୍ଦ ପାଣିଗ୍ରାହୀ, ସତ୍ୟସୁନ୍ଦର ଦାସ, ଅକ୍ଷୟ କୁମାର ମହାପାତ୍ର, ଦେବେନ୍ଦ୍ର ପେଡାଙ୍କ ଭଳି ଜମିହରା ଲୋକେ ଆଜି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଇଥିବା ଅଭିଯୋଗ ପତ୍ର ମୂଳେ ସେମାନେ ଫେକର ପାୱାର ପ୍ଲାଂଟକୁ ଜମିଦେବା ସମୟରେ ନିଯୁକ୍ତି ପାଇବା ନିମନ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୧୦୨ ଦିନର ଧାରଣା ପରେ ତତ୍‌କାଳୀନ ଜିଲାପାଳଙ୍କ ଅଧକ୍ଷତାରେ ପ୍ଲାଂଟ କର୍ତୃପକ୍ଷଙ୍କ ସହ ବୈଠକ ବସିଥିଲା । ବାରମ୍ବାର ବୈଠକ ବସିବା ମଧ୍ୟରେ ୨୦୧୬ ନଭେମ୍ବର ୧ ତାରିଖ ଦିନ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଓ ଜମିହରା ଲୋକଙ୍କ ମଧ୍ୟରେ ଉପରୋକ୍ତ ଘଟଣାର ସମାଧାନ କରାଯାଇ ସେମାନଙ୍କୁ ୪୪ ମାସ ମଧ୍ୟରେ ଚାକିରୀ ଦିଆଯିବାର ଲିଖିତ ପ୍ରତିଶ୍ରୁତି ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଅନୁରୂପ ଗଣେଶ ପଣ୍ଡା ନାମକ ଜମିହରା ବ୍ୟକ୍ତିଟି ନିଜର ଜମି ବାବଦ ପାଇବାକୁ ଥିବା ୪୮ ହଜାର ୪ ଶହ ଟଙ୍କା ଅଦ୍ୟାବଧି ପାଇନଥିଲେ ମଧ୍ୟ ତାହା ତାଙ୍କ ଦ୍ୱାରା ଗ୍ରହଣ ହୋଇଥିବାର ଲିଖିତ ତଥ୍ୟ ଥିଲେ ବି ବାସ୍ତବରେ ସେ ତାହା ପାଇନଥିବା ବିଷୟ ପାୱାର ପ୍ଲାଂଟର ଅମାନବୀୟ କାର୍ଯ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏଣୁ ଉପରୋକ୍ତ ସମସ୍ତ ଜମିହରା ବ୍ୟକ୍ତିମାନେ ଜିଲାପାଳଙ୍କୁ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଅଭିଯୋଗ ପତ୍ର ଦେବା ସହ ତାହାର ଏକକିତା ନକଲ ଆରଡିସି, ଫେକର ସିଇଓ, ଭଦ୍ରକ ବିଧାୟକ ଓ ସାଂସଦଙ୍କ ନିକଟକୁ ପଠାଯାଇଥିବାର ଜଣାପଡିଛି ।

ବେଆଇନ ମୋରମ ଓ ଚିପ୍ସ ଚାଲାଣରୁ ୬ ଲକ୍ଷ ୫୦ ହଜାର ଟଙ୍କା ଫାଇନ ଆଦାୟ

ଭୁବନ,୬।୧୧ (ନି.ପ୍ର): ଭୁବନ ତହସିଲ ଅଂଚଳରେ ବାଲି,ମୋରମ ,ଚିପ୍ସ, ମାଙ୍କଡାପଥର ମାଫିଆଙ୍କର ଦୌରାତ୍ମ୍ୟ ସଂପୂର୍ଣ୍ଣ ବନ୍ଦ କରିବା ଉଦ୍ଦେଶ୍ୟରେ ତହସିଲ ତରଫରୁ ରୀତିମତ ଚଢାଉ ଚାଲିଛି । ଆଜି ଗୁରୁବାର ଦିନ ସାଢେ ୧୦ ଘଟିକା ସମୟରେ ବାଲିବୋ ରାଜସ୍ୱ ନୀରିକ୍ଷକ ଶ୍ରୀମତୀ ପ୍ରଣତୀ ଭୋଇ ଅଫିସକୁ ଯାଉଥିବା ସମୟରେ ଅନନ୍ତପୁର ନିକଟରେ ବିପରିତ ଦିଗରୁ ଏକ ଟ୍ରାକ୍ଟର ଚିପ୍‌ସ ବୋଝେଇ କରି ଆସୁଥିଲା । ଆରଆଇ ଶ୍ରୀମତୀ ଭୋଇ ଗାଡିକୁ ଅଟକାଇ କାଗଜପତ୍ର ମାଗିବାରୁ ବେଆଇନ ଭାବେ ଚିପ୍ସ ନେଇ ଆସୁଥିବା ଟ୍ରାକ୍ଟରଟି ଖସି ପଳାଇ ଯିବାକୁ ଉଦ୍ୟମ କରିବାରୁ ଆରଆଇ ଟ୍ରାକ୍ଟର ଚାବି ନେଇ ଆସିଥିଲେ । ବେଆଇନ ଭାବେ ଚୋରାରେ ଚିପ୍ସ ଚାଲାଣ କରୁଥିବା ଅଭିଯୋଗରେ ସଂପୃକ୍ତ ଟ୍ରାକ୍ଟରରୁ ୩୦ ହଜାର ଟଙ୍କା ଫାଇନ ଆଦାୟ କରିଥିଲେ । ଅନୁରୂପ ଭାବେ ଭୂଷଳ ପଂଚାୟତ ଅନ୍ତର୍ଗତ କିର୍ତନପୁର ଗ୍ରାମ ନିକଟସ୍ଥ ଏକ ମୋରମ ଖାଦାନରୁ ୫୩ ନମ୍ବର ଜାତୀୟ ରାଜପଥରେ ଠିକା କାମ କରୁଥିବା ବାଲାଜି କନଷ୍ଟ୍ରକସନ କମ୍ପାନୀ ବେଆଇନ ଭାବେ ମୋରମ ଚାଲାଣ କରୁଥିବା ଖବର ପାଇ ତହସିଲ ତରଫରୁ ୩ ଟି ହାଇଓ୍ୱା ଓ ଗୋଟିଏ ଜେସିବି ଜବତ କରି ଦୁଇଦିନ ହେଲା ଥାନାରେ ରଖାଯାଇଥିଲା । ନିଲାମ ବାଦ ଅନ୍ୟସ୍ଥାନରୁ ମୋରମ ଖୋଳା ପାଇଁ ୫ ଲକ୍ଷ ସମେତ ସମୁଦାୟ ୬ ଲକ୍ଷ ୨୦ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିଲା । ଭୁବନ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ପ୍ରଭାସ କୁମାର ବେହୁରା ଙ୍କ ଯୋଗଦାନ ପରେ ନିୟମିତ ଚଢାଉ କରାଯାଇ ସରକାରଙ୍କ ରାଜସ୍ୱ ବୃଦ୍ଧି କରାଯାଉଥିବାରୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି ।

୨୫ ବର୍ଷ ହେଲା ମିଳୁନି ରାଜସ୍ୱ ଗ୍ରାମର ମାନ୍ୟତା

କେନ୍ଦ୍ରାପଡ଼ା,୬।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ଡାମରପୁର ପଂଚାୟତର ପଡା ଗ୍ରାମ ଜେନାପାଟଣା ଗ୍ରାମକୁ ରାଜସ୍ୱ ଗ୍ରାମରେ ଘୋଷଣା କରିବା ପାଇଁ ଦୀର୍ଘ ୨୫ ବର୍ଷ ହେଲା ଗ୍ରାମବାସୀ ମାନେ ଉଦ୍ୟମ ଚଳାଇଥିବା ବେଳେ ଏପର୍ଯ୍ୟନ୍ତ ସଫଳ ହୋଇପାରି ନାହାନ୍ତି । ଆବେଦନ ଦାବି ଓ କାଗଜପତ୍ର ଦସ୍ତାବିଜ୍ ଦାଖଲ ପ୍ରକିୟାରେ ୨୫ ବର୍ଷକାଳ ନୟାନ୍ତ ହୋଇଥିବା ଗ୍ରାମବାସୀ ମାନେ ସରପଂଚ ନିରଞ୍ଜନ ମାଝୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ରାଜସ୍ୱ ଗ୍ରାମର ମାନ୍ୟତା ପ୍ରକ୍ରିୟାକୁ ତ୍ୱରାନିତ କରିବା ପାଇଁ ଦାବି ଜଣାଇଛନ୍ତି । ଏହି ଗ୍ରାମକୁ ରାଜସ୍ୱ ମାନ୍ୟତା ପାଇଁ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ଜରିଆରେ ଜିଲ୍ଲା ପ୍ରଶାସନ କୁ ୧୯୯୫ ମସିହାରେ କାଗଜପତ୍ର ପ୍ରସ୍ତୁତ କରାଯାଇ ପ୍ରଦାନ କରାଯାଇ ଥିଲା । ଏନେଇ ୨୦୦୦ ମସିହାରେ ବୋର୍ଡ ଅଫ୍ ରେଭିନ୍ୟୁ ରେ ବି.ସି.ପି କେସ୍ ନଂ-୬୮/୨୦୦୦ ରେ ମାମଲା କରାଯାଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଫଇସାଲା ହୋଇପାରୁ ନାହିଁ । ଏନେଇ ସରପଂଚଙ୍କ ସମେତ ଗ୍ରାମର ମୁଖିଆ ମାନେ ଗୁରୁବାର ଜିଲ୍ଲାପାଳଙ୍କୁ ଭେଟି ଘୋଷଣା ପ୍ରକ୍ରିୟାକୁ ତ୍ୱରାନିତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନରହରି ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

ବିଡ଼ିଓଙ୍କ ପତ୍

ଟମାଟୋ ସୁପ୍‌ର ଉପକାରିତା

♦ଟମାଟୋରେ ଥିବା ଫାଇବର ଭୋକକୁ ନିୟନ୍ତ୍ରଣ କରିବା ସହ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ ।

♦ଯୁବତୀ ଓ ମହିଳା ନିୟମିତ ଏହି ସୁପ୍ ପିଇଲେ ସେମାନଙ୍କ ତ୍ୱଚାରେ ଭାଙ୍ଗ ପଡ଼ିନଥାଏ ଓ ତ୍ୱଚାରେ ଚମକ ମଧ୍ୟ ଆସେ ।

♦ହୃଦରୋଗୀ ଟମାଟୋ ସୁପ୍ ପିଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି । ଲୌହ ମଧ୍ୟ ଉଚିତ୍ ପରିମାଣରେ ଏହି ପରିବାରେ ଥିବାରୁ ତାହା ଆନେମିଆ ପରି ରୋଗରୁ ରକ୍ଷା କରୁଥିବାର ପ୍ରକାଶ । ଶ୍ୱାସରୋଗୀ ସପ୍ତାହକୁ ୨ରୁ୩ଥର ଟମାଟୋ ସୁପ୍ ପିଇବା ସେମାନଙ୍କ ସ୍ୱାସ୍ଥ୍ୟ ପକ୍ଷେ ଭଲ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ତତ୍ତ୍ୱ ଶରୀରକୁ ଶ୍ୱାସ ରୋଗରୁ ରକ୍ଷା କରେ ।

♦ଟମାଟୋ ସୁପ୍‌ରେ ଭିଟାମିନ କେ ଓ କ୍ୟାଲସିୟମ ଥିବାରୁ ତାହା ହାଡ଼ ମଜଭୁତ୍ କରିବା ସହ ଆଣ୍ଠୁଗଣ୍ଠି ବିନ୍ଧାରୁ ରକ୍ଷା କରିଥାଏ ।

♦ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରକୁ କର୍କଟ ରୋଗରୁ ରକ୍ଷା କରିଥାଏବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

♦ଟମାଟୋ ସୁପରେ ଥିବା ତତ୍ତ୍ୱ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣ କରୁଥିବାରୁ ମଧୁମେହ ରୋଗୀ ମଧ୍ୟ ଏହା ପ୍ରତ୍ୟହ ପିଇବା ଉପକାରୀ ।

♦ଟମାଟୋ ସୁପରେ ଭିଟାମିନ ସି ଥିବାରୁ ତାହା ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ ।

ନିୟମିତ ଦାନ୍ତ ବିନ୍ଧୁଥିଲେ ଚିନ୍ତା ନାହିଁ

କିଛି ଥଣ୍ଡା କିମ୍ବା ଗରମ ପିଇବା ଦ୍ୱାରା ଦାନ୍ତ ଝିମ୍ ଝିମ୍ ହେବା ଏକ ସାଧାରଣ ସମସ୍ୟା । ସଠିକ୍ ଯତ୍ନ ନନେଲେ ମଧ୍ୟ ଦାନ୍ତରୁ ଦୁର୍ଗନ୍ଧ ହେବା ସହ ରକ୍ତ ବାହାରିଥାଏ । ତେବେ ଏସବୁ କ୍ଷେତ୍ରରେ ଆମକୁ ଡାକ୍ତର ପାଖକୁ ଯିବାକୁ ପଡ଼ିଥାଏ । କିନ୍ତୁ ଆପଣ ଜାଣନ୍ତି କି କିଛି ଘରୋଇ ଉପଚାର ଦ୍ୱାରା ଏସବୁ ସମସ୍ୟାରୁ ଆରାମ ମିଳିପାରିବ । ତେବେ ଆସନ୍ତୁ ଜାଣିବା ଦାନ୍ତ ବିନ୍ଧାକୁ କିପରି କରିବା ବାଏ ବାଏ । ଲେମ୍ବୁରେ ଭିଟାମିନ୍-ସି ଥାଏ, ଯାହା ଦାନ୍ତ ବିନ୍ଧାରୁ ମୁକ୍ତି ଦେଇଥାଏ । ବିନ୍ଧା ହେଉଥିବା ଅଂଶରେ ଲେମ୍ବୁର ଛୋଟ ଖଣ୍ଡଟିଏ ଲଗାଇଲେ ତୁରନ୍ତ ଆରାମ ମିଳିଥାଏ ।

♦ଯଦି ଦାନ୍ତ ବିନ୍ଧା ହେବା ସହ ଫୁଲିଯାଏ ତେବେ ଆଳୁର ଛୋଟ ଗୋଟିଏ ଅଂଶ କାଟି ସେହି ସ୍ଥାନରେ ୧୫ମିନିଟ୍ ପାଇଁ ରଖନ୍ତୁ । ଏହାଦ୍ୱାରା ଆରାମ ମିଳେ ।

♦ଯଦି ଆପଣ ଦାନ୍ତ ସମସ୍ୟା ପାଇଁ ବ୍ୟସ୍ତ ତେବେ ରସୁଣ ଏଥିରୁ ମୁକ୍ତି ଦେବ । ରସୁଣରେ ଲୁଣଲଗାଇ ଖାଆନ୍ତୁ । ନିୟମିତ ସକାଳେ ଏପରି କଲେ ଅନେକ ଲାଭ ମିଳିଥାଏ ।

♦ଦାନ୍ତ କଷ୍ଟରୁ ମୁକ୍ତି ପାଇଁ ପିଆଜ ଏକ ଭଲ ଉପାୟ । ଡାକ୍ତର ବି ମାନନ୍ତି ପ୍ରତି ୩ମିନିଟରେ ଥରେ ଛୋଟ ପିଆଜ ଖଣ୍ଡେ ଖାଇବା ଉଚିତ୍ । କାରଣ ଏହା ଦ୍ୱାରା ମୁହଁରେ ଥିବା ଜୀବାଣୁ ମରିଯିବା ସହ ଦାନ୍ତ ବିନ୍ଧାରୁ ଆରାମ ମିଳିଥାଏ ।

ପ୍ଲାଷ୍ଟିକମୁକ୍ତ ହେବ ଘର

ପରିବେଶ ପ୍ରଦୂଷଣରେ ଏବେ ପ୍ରମୁଖ ଭୂମିକା ଗ୍ରହଣ କରିଛି ପ୍ଲାଷ୍ଟିକ । ଏହା ନଷ୍ଟ କରିବାକୁ ଚାହିଁଲେ ବି ମାଟିରେ ସହଜରେ ମିଶେନାହିଁ ଏବଂ ପୋଡ଼ିଲେ ଅତି ବିଷାକ୍ତ ଗ୍ୟାସ୍ ସୃଷ୍ଟି ହୁଏ । ତେଣୁ ପରିବେଶକୁ ପ୍ଲାଷ୍ଟିକମୁକ୍ତ କରିବାର ପ୍ରୟାସ ଚାଲିଛି । ନିଜେ ଇଚ୍ଛା କଲେ, କେତୋଟି ଛୋଟ ଛୋଟ କଥା ପ୍ରତି ଦୃଷ୍ଟି ଦେଇ ଘରକୁ ମଧ୍ୟ ବହୁ ପରିମାଣରେ ପ୍ଲାଷ୍ଟିକମୁକ୍ତ ରଖିପାରିବେ ।

ଘରେ ପାଣି ପିବା ଲାଗି ପ୍ଲାଷ୍ଟିକ ବୋତଲ ବ୍ୟବହାର କରୁଥିଲେ ଏହା ବଦଳରେ ଷ୍ଟିଲ କିମ୍ବା କାଚ ବୋତଲ ବ୍ୟବହାର କରିପାରିବେ । ବଜାରରେ ଏପରି ବହୁ ସୁନ୍ଦର ବୋତଲ ମିଳୁଛି । ସାଧାରଣତଃ ଘରୁ ଆବର୍ଜନା ଫିଙ୍ଗିବା ଲାଗି ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର କରିଥାଉ । ଏହା ବଦଳରେ ଶୀଘ୍ର ନଷ୍ଟ ହୋଇପାରୁଥିବା ବାୟୋ ଡିଗ୍ରେଡେବ୍‌ଲ ଗାର୍ବେଜ ବ୍ୟାଗ୍ ଆଣନ୍ତୁ । ଏହା ସହଜରେ ବଜାରରେ ମିଳିପାରୁଛି ଏବଂ ମୂଲ୍ୟ ମଧ୍ୟ ଖୁବ୍ କମ୍ ।

ରୋଷେଇଘରେ ଖାଇବା ଘୋଡ଼ାଇବା ପାଇଁ ଫାଇଲ ର୍ୟାପ୍ ଭଲ ବିକଳ୍ପ ହେବ । ଏହାର ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଖାଦ୍ୟକୁ ପ୍ଲାଷ୍ଟିକ ତୁଳନାରେ ଅଧିକ ସୁରକ୍ଷିତ ଏବଂ ସତେଜ ରଖେ ।

ସକାଳୁ ଦାନ୍ତ ଘଷିବା ବେଳଠାରୁ ପ୍ଲାଷ୍ଟିକ ଆରମ୍ଭ ହୁଏ । ଦାନ୍ତଘଷା ବ୍ରସ୍ ବ୍ୟବହାର ଅନୁପଯୋଗୀ ହୋଇ ପିଙ୍ଗାଯିବା ପରେ ନଷ୍ଟ ହେବାକୁ ଚାରିଶହ ବର୍ଷ ଲାଗିଯାଏ । ଏହା ବଦଳରେ ଏବେ ମିଳୁଥିବା ବାଉଁଶରେ ତିଆରି ବ୍ରସ୍ ବ୍ୟବହାର କରିପାରିବେ ।

ଘର ସୁଗନ୍ଧିତ ରଖିବା ଲାଗି ଏୟାର ଫ୍ୟୁରିଫାୟର ପରିବର୍ତ୍ତେ ଧୂପକାଠି ବ୍ୟବହାର କରିପାରିବେ । ଏହା ଅଧିକ ପରିବେଶ ଅନୁକୂଳ ଏବଂ ଶସ୍ତା ମଧ୍ୟ ।

ତିରୁଅନନ୍ତପୁରମର ମୁଖ୍ୟ ଆକର୍ଷଣ

କେରଳର ରାଜଧାନୀ ତିରୁଅନନ୍ତପୁରମକୁ ପ୍ରତି ବର୍ଷ ସଂଖ୍ୟାଧିକ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ । ସ୍ଥାନୀୟ ପର୍ବପର୍ବାଣି, ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସହ ଏଠାକାର ସ୍ଥାନୀୟ ଖାଦ୍ୟ ହିଁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ । ଭାରତର ପ୍ରମୁଖ ପ୍ରାନ୍ତ ସହ ବିଦେଶକୁ ମଧ୍ୟ ଲୋକେ କେବଳ ଏଥିପାଇଁ ଏଇ ଦକ୍ଷିଣ ଭାରତୀୟ ରାଇଜକୁ ଛୁଟି ଆସିଥାନ୍ତି ।

ବିଭିନ୍ନ ପର୍ଯ୍ୟଟକଙ୍କ ମତ ଅନୁସାରେ, କୋବଲମ ସମୁଦ୍ରକୂଳ ନିକଟସ୍ଥ ରେଷ୍ଟୋରାଁର 'ସି ଫୁଡ୍' ହିଁ ସେମାନଙ୍କୁ ଏଠାକୁ ଭ୍ରମଣ ପାଇଁ ଟାଣି ନେଇ ଆସେ । ସୁଆଦିଆ ଏଇ ଖାଦ୍ୟର ମୂଲ୍ୟ ମଧ୍ୟ ସେଭଳି କିଛି ବେଶୀ ନୁହେଁ । ଅନ୍ୟ ଏକ ଆକର୍ଷଣୀୟ ବ୍ୟଞ୍ଜନ ହେଲା 'ଇଡ୍ଡିପିୟମ୍ ୱିଦ୍ କରି' । ସ୍ଥାନୀୟ ରୋଷେଇୟାମାନେ ବିଭିନ୍ନ ପ୍ରକାର ମସଲା ଦେଇ ଏଇ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି । ରାସ୍ତା କଡ଼ ଠେଲା ଠାରୁ ପଞ୍ଚତାରକା ହୋଟେଲ, ସେଠାରେ ସମସ୍ତ ସ୍ଥାନରେ ଏଇ ବ୍ୟଞ୍ଜନର ଚାହିଦା ରହିଛି ।

ବିଭିନ୍ନ ଲୋକପ୍ରିୟ ବ୍ୟଞ୍ଜନ ମଧ୍ୟରୁ ପୁଙ୍ଗୁ-କାଦଳା କରି, ଚାଉଳ ଓ କଦଳୀ ମିଶ୍ରିତ ବ୍ୟଞ୍ଜନଟି ଖୁବ୍ ସୁଆଦିଆ ଲାଗିଥାଏ । ବିଦେଶୀ ପର୍ଯ୍ୟଟକମାନେ ସେଠାକାର ଚୁଙ୍ଗୁଡ଼ି ତର୍କାରି ସହ ଦକ୍ଷିଣ ଭାରତୀୟ ଆମିଷ ବ୍ୟଞ୍ଜନ ଖାଇବାକୁ ଖୁବ୍ ପସନ୍ଦ କରନ୍ତି ।

କେରଳରେ ମାଛକୁ ସୋରିଷ ଓ ଜିରା ଦେଇ ନଡ଼ିଆ ତେଲରେ ଭଜାଯାଏ । ଏହା ମଧ୍ୟ ପର୍ଯ୍ୟଟକଙ୍କର ଅନ୍ୟତମ ଆକର୍ଷଣ ବୋଲି ଜଣାପଡ଼ିଛି । ସେଠାକାର ବିଭିନ୍ନ ଦର୍ଶନୀୟ ସ୍ଥାନ ସେମାନେ ଭ୍ରମଣ କରିବା ସହ ଲୋକପ୍ରିୟ ବ୍ୟଞ୍ଜନର ମଧ୍ୟ ମଜା ଉଠାଇଥାନ୍ତି ।

ସକାଳ ଧ୍ୟାନର ଉପଯୋଗିତା

♦ଧ୍ୟାନ କଲେ ଉଭୟ ମନ ଓ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ଏଇ ଅଭ୍ୟାସ କଲେ ତାହାର ସୁଫଳ ଖୁବ୍ ଶୀଘ୍ରଅ ଦେଖିବାକୁ ମିଳେ ।

♦ଶଯ୍ୟା ତ୍ୟାଗ ପରେ ଖଟ ଉପରେ ବସି ୫-୭ ମିନିଟ୍ ଧ୍ୟାନ କରିପାରିବେ। ରକ୍ତଚାପ ଓ ଅବସାଦଗ୍ରସ୍ତ ରୋଗୀ ଧ୍ୟାନ ପ୍ରତ୍ୟହ କଲେ ଏହାର ସୁଫଳ ଜାଣିପାରିବେ ।

♦ ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ । ପିଲାଠାରୁ ବୟସ୍କ ଏଇ ସରଳ ଉପାୟକୁ ନିଜ ଦୈନିକ ଜୀବନରେ ସାମିଲ କରାଇପାରିବେ । ତେବେ ପ୍ରାତଃ କାଳରେ ଧ୍ୟାନ କଲେ ତାହାର ଉତ୍ତମ ପ୍ରଭାବ ପଡ଼ିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

♦ଧ୍ୟାନ ଏକପ୍ରକାର ଶକ୍ତି, ଏହାର ପ୍ରଭାବରେ ଉଭୟ ତନ ଓ ମନ ସୁସ୍ଥ ରହିଥାଏ । ଏବର ଯୁବପିଢ଼ି ଉପରେ କାମର ଚାପ ଖୁବ୍ ଅଧିକ । ଏସବୁକୁ ନିୟନ୍ତ୍ରଣରେ ରଖିବା ସହ ଚାପମୁକ୍ତ ଜୀବନ ଅତିବାହିତ କରିବାକୁ ଚାହୁଁଥିଲେ ଯୋଗ କଲେ ଉତ୍ତମ ପ୍ରଭାବ ଜାଣିପାରିବେ ।

ସ୍ୱାସ୍ଥ୍ୟ ମନ୍ତ୍ର

ବିଶ୍ୱରେ ପ୍ରତି ଦଶ ଜଣରେ ଜଣେ ମଣିଷ ଅବସାଦର ଶିକାର । ଏହାକୁ ନିୟନ୍ତ୍ରଣରେ ନରଖିଲେ ନାନା ରୋଗ ଆକ୍ରମଣ କରେ । ଅବସାଦ ବା' ଡିପ୍ରେସନ୍'କୁ ନିୟନ୍ତ୍ରଣରେ ରଖିବା ଲାଗି ବଜାରରେ ନାନା ପ୍ରକାର ଔଷଧ ମିଳୁଛି । ଔଷଧ ଦ୍ୱାରା ଅବସାଦମୁକ୍ତ ହେବା ସମ୍ଭବ । ତେବେ ବ୍ୟାୟାମ ଦ୍ୱାରା ପ୍ରାକୃତିକ ଭାବେ ଅବସାଦକୁ ରୋକାଯାଇପାରେ; ଏହାର ମାତ୍ରା କମ୍ କରାଯାଇପାରେ । କଠିନ ବ୍ୟାୟାମ ଦ୍ୱାରା ଅବସାଦ ଦୂର ହେଉଥିବା ପୂର୍ବରୁ ପ୍ରମାଣିତ । ତେବେ, ସକାଳୁ ଚାଲିବା ବା ମର୍ନିଂ ୱାକ୍ ଭଳି ସାଧାରଣ ବ୍ୟାୟାମ ଦ୍ୱାରା ମଧ୍ୟ ମଣିଷ ଅବସାଦମୁକ୍ତ ରହିପାରିବ । ଏଥି ପାଇଁ ସକାଳୁ, ଉଠି ଚାଲନ୍ତୁ । ଯଥା ସଂଭବ ବେଗରେ ଏବଂ ଯେତିକି ଅଧିକ ସଂଭବ ଦୂର ବାଟ ଚାଲନ୍ତୁ । ସୂର୍ଯ୍ୟାଲୋକ ପଡ଼ିବା ପୂର୍ବରୁ ଚାଲନ୍ତୁ । ଏହାଦ୍ୱାରା ହର୍‌ମୋନ୍ କ୍ଷରଣ ସ୍ୱାଭାବିକ ହୁଏ । ନିୟମିତ ପ୍ରତ୍ୟୁଷରୁ ଚାଲିଲେ ରକ୍ତ ଶର୍କରା, ରକ୍ତଚାପ ଆଦି ମଧ୍ୟ ନିୟନ୍ତ୍ରଣରେ ରହେ । ତେଣୁ ଆବାଳବୃଦ୍ଧବନିତା ସମସ୍ତେ ପ୍ରାତଃ-ଭ୍ରମଣକୁ ଗୁରୁତ୍ୱ ଦିଅନ୍ତୁ ।

ଜ୍ୱର ସଂକ୍ରାନ୍ତ ସତର୍କତା

ମଣିଷ ଶରୀରର ତାପମାତ୍ରା ଭିନ୍ନଭିନ୍ନ । ଛୋଟ ପିଲାଙ୍କ ଶରୀର ତାପମାତ୍ରା କମଥାଏ । ଯଦି କୌଣସି ଇନଫେକ୍ସନ୍ ହୁଏ ତେବେ ଛୋଟପିଲାଙ୍କ ଶରୀରର ତାପମାତ୍ରା ବୃଦ୍ଧି ପାଏ ।

♦ ଜ୍ୱର ଶରୀର ପ୍ରତିରୋଧକ ପ୍ରଣାଳୀର ଅଂଶବିଶେଷ । କୌଣସି କୀଟାଣୁ ବା ଭୂତାଣୁ ଶରୀରକୁ ଆକ୍ରମଣ କଲେ ପ୍ରତିରୋଧକ ବ୍ୟବସ୍ଥା ସ୍ୱରୂପ ଜ୍ୱରହୁଏ ।

♦ ଜ୍ୱର ଅନେକ କାରଣରୁ ହୋଇପାରେ । ଯଥା: ବଦହଜମି, କ୍ଲାନ୍ତି, ଅନେକ ସମୟ ଖରାରେ ରହିବା, ଥଣ୍ଡା ସର୍ଦ୍ଦି ଆଦି ।

♦ ଜ୍ୱରରେ ପୀଡ଼ିତ ରୋଗୀଙ୍କର ଜ୍ୱର ବାରମ୍ବାର ମାପିବା ଦରକାର ନାହିଁ । କିଛି ଘଣ୍ଟା ଅନ୍ତରରେ ଜ୍ୱର ମାପନ୍ତୁ । ଜ୍ୱର ହେଲେ ସବୁବେଳେ ବିଛଣାରେ ପଡ଼ି ରହିବା ଭଲ ନୁହେଁ ।

♦ ଜ୍ୱର ଶରୀରକୁ କ୍ଲାନ୍ତ କରେ ନାହିଁ ।

♦ ଯଦି ଶରୀର ତାପମାତ୍ରା ଅଧିକ ହେଉଛି ତେବେ ତାହାର ଦୁଇଟି କାରଣ ରହିଛି । ପ୍ରଥମଟି ହେଉଛି ମସ୍ତିଷ୍କର ହାଇପୋଥେଲସିସ ପ୍ରଭାବିତ ହେଉଛି । ହାଇପୋଥେଲସିସ ଶରୀରର ବିଭିନ୍ନ କାର୍ଯ୍ୟ କରିବା ସହ ତାପମାତ୍ରାକୁ ନିୟନ୍ତ୍ରିତ କରେ । ଦ୍ୱିତୀୟ କାରଣ ହେଉଛି ତାପ ଆଘାତ ।

♦ ଜ୍ୱର ଅଧିକ ବଢ଼ିଲେ ଥଣ୍ଡା ପାଣି ପଟି ମୁଣ୍ଡରେ ଦିଅନ୍ତୁ । କୋସିନ ବା ପାରାସିଟିମଲ ଖାଇବାକୁ ଦେଇ ୩୦ ମିନିଟ୍ ଯାଏ ଅପେକ୍ଷା କରନ୍ତୁ ।

ଏକା ରହିବାକୁ ପସନ୍ଦ କରନ୍ତି ବୁଦ୍ଧିମାନ ଲୋକେ

ବିଭିନ୍ନ ଚରିତ୍ର ଗୁଣର ଲୋକଙ୍କ ସହ ନିୟମିତ ଭାବେ ଆମେ ମିଶିଥାଉ । କାହା ସହ ମନ ମିଶିଥିବାବେଳେ ଅନ୍ୟ କାହା ଉପରେ ବିରକ୍ତି ଭାବ ଆସିଥାଏ । ବିଶ୍ୱସ୍ତରରେ ପାଖାପାଖି ୪୫% ଲୋକ ବାର୍ତ୍ତାଳାପ କରିବାକୁ ପସନ୍ଦ କରିଥାନ୍ତି । ଏଇ ବର୍ଗର ଲୋକେ ଯେଉଁଠାକୁ ଯାନ୍ତୁ, ଯେ କୌଣସି ଗୁଣର ଲୋକଙ୍କ ସହ ମିଶିଯାନ୍ତି । ୱାଲର୍ଡ ଇକୋନୋମିକ୍ ଫୋରମର ତଥ୍ୟ ଅନୁସାରେ ୧୧% ରୁ କମ ଲୋକେ ନିରବ ତଥା ଏକା ରହିବାକୁ ପସନ୍ଦ କରନ୍ତି । ପ୍ରକୃତରେ ଏମାନେ ହିଁ ହେଲେ ବୁଦ୍ଧିମାନ । ଅଯଥାରେ ଗପ, ଥଟ୍ଟା ତାମସା କରିବାକୁ ଏଇ ଲୋକେ ଆଦୌ ପସନ୍ଦ କରନ୍ତିନାହିଁ । ଏମାନେ ସବୁଠୁ ଅଧିକ ନିଜ ପରିବାରକୁ ପ୍ରାଧାନ୍ୟ ଦେଉଥିବାବେଳେ ଯଥା ସମ୍ଭବ ସମୟ ନିଜ କକ୍ଷରେ ଅତିବାହିତ କରିବାକୁ ପସନ୍ଦ କରନ୍ତି । ଏକା ରହିବାକୁ ପସନ୍ଦ କରୁଥିବା ଲୋକେ ସାମାନ୍ୟ କାମର ଚାପରେ ଚିଡ଼ଚିଡ଼ା ହୋଇଯାନ୍ତି । ଏହା ସହ ଏମାନଙ୍କ ଅନ୍ୟତମ ଗୁଣ ହେଲା ଅନ୍ୟ ଉପରେ ବୋଝ ହେବାକୁ ମଧ୍ୟ ପସନ୍ଦ କରନ୍ତିନାହିଁ । ପୁସ୍ତକ ପଢ଼ିବାରେ ଓ ନିରୋଳା ସ୍ଥାନ ଏମାନଙ୍କର ସବୁଠୁ ପ୍ରିୟ । ବିଶେଷଜ୍ଞ ଦଳର ତଥ୍ୟ ଅନୁସାରେ ଏଇ ଦିଗରେ ପୁରୁଷମାନେ ମହିଳାଙ୍କ ଠାରୁ ଆଗରେ ଅଛନ୍ତି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଭବିଷ୍ୟତରେ କିଏ...

ଆମେରିକାରେ ରାଷ୍ଟ୍ରପତି ନିର୍ବାଚନର ଶେଷ ପର୍ଯ୍ୟାୟ ଅତି ନାଟକୀୟ ଓ ଉତ୍କଣ୍ଠାପୂର୍ଣ୍ଣ ହୋଇ ରହିଛି । ଏବେ କେବଳ ଆମେରିକାବାସୀ ନୁହଁନ୍ତି, ସମଗ୍ର ବିଶ୍ୱର ନଜର ଏହି ଫଳାଫଳ ଉପରେ ନିବଦ୍ଧ । ଭୋଟଦାନ ପରେ ଗଣତି ପ୍ରକ୍ରିୟା ଜାରି ରହିଛି ଓ ସେଥିରେ ଡେମୋଟ୍ରାଟିକ ଓ ରିପବ୍ଲିକାନ ଦଳର ପ୍ରାର୍ଥୀମାନେ ରାଜ୍ୟୱାରୀ ଉତ୍ଥାନ-ପତନ ଦେଇ ଗତି କରୁଛନ୍ତି । ଗୁରୁବାର ମଧ୍ୟାହ୍ନ ସୁଦ୍ଧା ଡେମୋକ୍ରାଟିକ ଦଳ ପ୍ରାର୍ଥୀ ଜୋ ବାଇଡେନ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରିପବ୍ଲିକାନ ଦଳ ପ୍ରାର୍ଥୀ ତଥା ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଆଗୁଆ ରହିଥିବା ଜଣାପଡ଼ିବା ପରେ ଏହାକୁ ନେଇ ଉଭୟ ଦଳର ସମର୍ଥକଙ୍କ ମଧ୍ୟ ବିଚିତ୍ର ବ୍ୟସ୍ତତା ଦେଖାଦେଇଛି । ବାଇଡେନ ୨୬୪ ଭୋଟ ପାଇ ଅଗ୍ରଣୀ ଥିବାବେଳେ ଟ୍ରମ୍ପ ତାଙ୍କ ପଛକୁ ୨୧୬ରେ ରହିଥିଲେ । ଅର୍ଥାତ୍ ବିଜୟ ପାଇଁ ଆବଶ୍ୟକ ୨୭୦ ଭୋଟ୍‌ର ନିକଟତର ହେବାକୁ ମାତ୍ର ଛଅଟି ଭୋଟ ପଛରେ ବାଇଡେନ ରହିଥିଲେ । ତଥାପି ପ୍ରମୁଖ ପାଞ୍ଚଟି ରାଜ୍ୟ-ଆଲାସ୍କା, ଜର୍ଜିଆ, ନେଭେଦା, ନର୍ଥ-କାରୋଲିନା ଓ ପେନସିଲଭାନିଆର ଗଣତି ବାକି । ଏହି ପାଞ୍ଚ ରାଜ୍ୟର ଫଳାଫଳ ନିର୍ଦ୍ଧାରଣ କରିବ ତାହା ମୁଣ୍ଡରେ ହାତୀ ସୁନାକଳସ ଢାଳିବ । ତେବେ ଆମେରିକା ରାଷ୍ଟ୍ରପତି ନିର୍ବାଚନର ଏହି ହାତୀ-ଗଧ ଲଢ଼େଇ ସଦାବେଳେ ଉତ୍କଣ୍ଠାପୂର୍ଣ୍ଣ ହୋଇଥାଏ । ବହୁ ପ୍ରାର୍ଥୀ ଜିତୁ ଜିତୁ ହାରି ଯାଇଥାନ୍ତି ଓ ଅନେକ ପ୍ରତ୍ୟାଶୀ ହାରୁ ହାରୁ ଓଭାଲ ଅଫିସ୍ ଅକ୍ତିଆର କରି ନେଇଥାନ୍ତି । ଏବେ ପରାଜୟ ସ୍ୱୀକାର କରିବାକୁ ଟ୍ରମ୍ପ ଓ ବାଇଡେନ ନାରାଜ । ଉଭୟ ପ୍ରାର୍ଥୀ ନିଜ ନିଜ ବିଜୟ ସପଓରେ ରହିଛି ଓ ରାଷ୍ଟ୍ରପତି ଟ୍ରମ୍ପ ଭୋଟ ଗଣତି ବନ୍ଦ୍ କରିବାକୁ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ଯାଉଛନ୍ତି । ଅତୀତରେ ଏଭଳି ଚୂଡ଼ାନ୍ତ ଫଳାଫଳ ନେଇ ପ୍ରାର୍ଥୀମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାର ନଜିର ରହିଛି । ତେବେ ସେଥିରେ ସେପରି କିଛି ପରିବର୍ତ୍ତନ ଅଥବା ଆଶ୍ଚର୍ଯ୍ୟ ଘଟଣା ଘଟିନଥାଏ । ଏକଥା ସ୍ୱୀକାର୍ଯ୍ୟ ଯେ ଚଳିତ ନିର୍ବାଚନରେ ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଛି ଓ ଉଭୟ ପ୍ରାର୍ଥୀ ଦେଶବାସୀଙ୍କ ନିକଟରେ ପ୍ରିୟ । ତେଣୁ ଫଳାଫଳ ଉଣେଇଶ-ବିଶ ହେବାକୁ ଯାଉଛି । ଏଠାରେ ପ୍ରଶ୍ନ ଉଠେ, ଡେମୋକ୍ରାଟିକ ଦଳକୁ ହରାଇ ମାତ୍ର ଚାରିବର୍ଷ କ୍ଷମତାରେ ରହିବା ପରେ ରିପବ୍ଲିକାନ ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରତି ଦେଶବାସୀ ଏତେଟା ବିମୁଖ ହେଲେ କାହିଁକି ? ଏହାର କାରଣ, ଟ୍ରମ୍ପଙ୍କ ନେତୃତ୍ୱରେ ଥିବା ଖୁଣ ଦାୟୀ ବୋଲି କୁହାଯାଇପାରେ । ଅତୀତରେ ଅନେକ ରାଷ୍ଟ୍ରପତି ଦ୍ୱିତୀୟବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । କିନ୍ତୁ ସେଥିପାଇଁ ପ୍ରଥମ କାର୍ଯ୍ୟକାଳର ସଫଳତା ଅଧିକତର ସହାୟକ ହୋଇଥାଏ । ଆମେରିକାବାସୀ ଜାତୀୟ ସ୍ୱାର୍ଥ ଓ କାର୍ଯ୍ୟସୂଚୀକୁ ନେଇ ରାଷ୍ଟ୍ରପତି ଚୟନ କରନ୍ତି । ଯାହା ଉପରେ ସେମାନେ ଖପ୍ପା ହୁଅନ୍ତି ଭୋଟ ମାଧ୍ୟମରେ ତାଙ୍କୁ ପାନେ ଚଖାନ୍ତି । ଅର୍ଥାତ୍, କ୍ଷମତାରୁ ଅନ୍ତର କରିଥାନ୍ତି । କାରଣ ଅନ୍ୟ ଦେଶ ଭଳି ଆମେରିକା ନୁହେଁ । ସେମାନଙ୍କ ବ୍ୟବସ୍ଥାକୁ ସେଇଥିପାଇଁ 'ସ୍ୱଏଲ ସିଷ୍ଟମ' କୁହାଯାଏ । ଅର୍ଥାତ୍, ସରକାର ପତନ ସହ ସବୁ ସାନି କାମ ଓ କର୍ମଚାରୀ ସବୁ ନୂଆ । ଟ୍ରମ୍ପଙ୍କ ନେତୃତ୍ୱରେ ଦେଶବାସୀ କେତେ ଖୁସି ତାହା ତର୍ଜମାସାପେକ୍ଷ । ୨୦୧୬ରେ ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଦେଶବାସୀ ତାଙ୍କୁ ପ୍ରାୟ ଏକବର୍ଷ ପର୍ଯ୍ୟନ୍ତ ମାନସିକ ସ୍ତରରେ ଗ୍ରହଣ କରିପାରିନଥିଲେ । ପୁଣି ତାଙ୍କୁ କ୍ଷମତାରୁ ହଟାଯିବ ବୋଲି ମଧ୍ୟ ହୁଆ ଉଠିଥିଲା । ଟ୍ରମ୍ପଙ୍କ ଶାସନ କାଳରେ ମାର୍କିନ ଅର୍ଥନୀତି ଘୋର ସଂକଟ ପରିସ୍ଥିତି ଦେଇ ଗତି କରିଛି । କରୋନା ମହାମାରୀ ସଂକ୍ରମଣର ସମ୍ମୁଖୀନ ହୋଇଛି । ଚୀନ ସହ ବାଣିଜ୍ୟ ଯୁଦ୍ଧ ଜାରି ରହିଛି । ମଧ୍ୟପ୍ରାଚ୍ୟ ସଂକଟ ଅଧିକ ଉତ୍କଟ ହୋଇଛି । ଦେଶରେ ବେକାରୀ ବଢ଼ିଛି । ଅନ୍ୟ ରାଷ୍ଟ୍ରଙ୍କ ସହ ସଂପର୍କ ବ୍ୟାହତ ହୋଇଛି । ସର୍ବୋପରି ଆମେରିକାର ମହାଶକ୍ତି ମାନ୍ୟତା ପ୍ରତି ଅନ୍ୟମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ତେଣୁ ଏହିସବୁ କାରଣକୁ ଦେଶବାସୀ ଅବଶ୍ୟ ଚିନ୍ତା କରି ମତଦାନ କରିଥିବେ । ଜୋ ବାଇଡେନ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ କଡ଼ା ଟକ୍କର ଦେବା ସୂଚନା ପ୍ରଦାନ କରେ ଯେ, ମତଦାତା ଡେମୋକ୍ରାଟିକ ଦଳ ପ୍ରତି ଢଳିଛନ୍ତି । ତେବେ ଚୂଡ଼ାନ୍ତ ଫଳାଫଳ ଏବେସୁଦ୍ଧା ଅନିଶ୍ଚିତ । ତାହା ଗଣନାରେ ସ୍ପଷ୍ଟ ହେବ ଅବା ବିଚାରାଳୟର ତର୍ଜମା ମାଧ୍ୟମରେ ନିର୍ଦ୍ଧାରଣ କରାଯିବ, ସେଥିପାଇଁ ସମସ୍ତଙ୍କ ପ୍ରତୀକ୍ଷା ଚଳିତ ସପ୍ତାହ ଶେଷକୁ ।

ଦେଖ ମୋ ମନର ଛବି...

ସିଦ୍ଧେଶ୍ୱର ତ୍ରିପାଠୀ

ଦେଖିଯାଅ ଦେଖିଯାଅ ସୁନୟନା
ବିରହ ବେଳର ଦିନ
ପ୍ରସ୍ତର ଏଇ ଛାତିତଳେ ମୋର
ଧାମେ କଳଙ୍କର ଚିହ୍ନ ।

ଦେଇ ଯାଅ ଦେଇ ଯାଅ ଛବିଟିଏ
ବିଚରା ବୁଝିବ ମନ
ପ୍ରବଞ୍ଚନା ପରେ ବିଷାଦ ମୁହୂର୍ତ୍ତେ
ଧାରେ ଲୁହ ଭାଗ୍ୟବାନ ।

ଦେବଭାଷାର ସେ କେତୋଟି ଛନ୍ଦକୁ
ବିହିତ ସାତ ସ୍ୱନ
ପ୍ରହରଟେ ଶୁଣି ଜୀଇଁବି ଭାବିଛି
ଧାର୍ଯ୍ୟ ଧନ୍ୟ ମୋ ଜୀବନ ।

ଦେଖିନିଅ ଦେଖିନିଅ ପ୍ରାଣପ୍ରିୟା
ବିଘଟନ ଯେତେ ଜହ୍ନ
ପ୍ରସ୍ଥାନ ବେଳେବି ତୁମପାଇଁ ଥିବ
ଧାର ଧାର ଲୁହ ଚିହ୍ନ ।

+ ଖୋର୍ଦ୍ଧା

ଲାଲବାହାଦୂର ଶାସ୍ତ୍ରୀ : ଏକ ଅମ୍ଳାନ ପ୍ରତିଭା

ଶରତ କୁମାର ଦାସ

ଭାରତମାତାର ଅନ୍ୟତମ ସୁଯୋଗ୍ୟ ସନ୍ତାନ ତଥା ସ୍ୱାଧୀନ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କୁ କିଏବା ନ ଜାଣେ । ୧୯୦୪ ମସିହା ଆକ୍ଟୋବର ୨ ତାରିଖରେ ଉତ୍ତର ପ୍ରଦେଶର ବାରଣାସୀ ଠାରୁ ସାତ କିଲୋମିଟର ଦୂର ମୋଗଲସରାଇ ନାମକ ଏକ ଛୋଟ ସହରରେ ଏକ ଦରିଦ୍ର ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ଡାକ ନାଆଁ ଥିଲା ନାହ୍ନେ । ବାପା ସାରଦା ପ୍ରସାଦ ଶ୍ରୀବାସ୍ତବ ଥିଲେ ଜଣେ ଶିକ୍ଷକ ଓ ମା' ରାମଦୁଲାରୀ ଦେବୀ ଥିଲେ ଜଣେ ସୁଗୃହିଣୀ । ବାପା ମା'ଙ୍କର ସେ ଥିଲେ ଲକମାତ୍ର ସନ୍ତାନ । ତାଙ୍କ ଉ ପରେ ଦୁଇଜଣ ଭଉଣୀ ଥିଲେ । ପିଲାଦିନରୁ ଦୁଃଖ କଷ୍ଟ ଭିତରେ ଜୀବନ ବିତାଇଥିଲେ ବି କେବେ କେଉଁଦିନ ହାରିଯାଇନଥିଲେ କି କାହା ପାଖରେ କେବେ ହାତ ପତାଇନଥିଲେ । ସେ ଥିଲେ ଉଚ୍ଚାଭିଳାଷୀ, ସ୍ୱାଭିମାନୀଳ ସଚ୍ଚୋଟ, କର୍ମନିଷ୍ଠ, ଶାନ୍ତଶିଷ୍ଟ ଓ ସରଳ ପ୍ରକୃତିର ମଣିଷଟିଏ । ସେଥିପାଇଁ ସେ ସମସ୍ତଙ୍କର ପ୍ରିୟ ଥିଲେ । ଲାଲ୍ ବାହାଦୂରଙ୍କୁ ଯେତେବେଳେ ମାତ୍ର ଏକ ବର୍ଷ ଚାରି ମାସ ତାଙ୍କ ପିତାଙ୍କର ବିୟୋଗ ହୋଇଥିଲା । ତାଙ୍କ ମା' ଖୁବ୍ ଭାଙ୍ଗିପଡ଼ିଥିଲେ । ତିନୋଟି ପିଲାଙ୍କୁ କ'ଣ କିପରି ଜଳାଇବେ ସେଇ କଥା କେବଳ ଭାବି ଭାବି ଦୁର୍ବଳ ହୋଇପଡ଼ିଥିଲେ । ଏହି ଦୁଃଖଦାୟକ ଘଟଣା ସମୟରେ ତାଙ୍କ ବାପା ହଜାରୀ ପ୍ରସାଦ ତାଙ୍କ ଝିଅ ସହ ଛିଡାହୋଇଥିଲେ । ଝିଅ ସହିତ ତିନି ପିଲାଙ୍କୁ ତାଙ୍କ ନିଜ ଘରକୁ ନେଇଯାଇଥିଲେ । ମାତ୍ର ମାତ୍ର ବିଧିର ବିଧାନ ଥିଲା ବିଚିତ୍ର । ଦେଢମାସ ପରେ ହଜାରୀ ପ୍ରସାଦଙ୍କର ମୃତ୍ୟୁ ହୋଇଥିଲା । ସେତେବେଳକୁ ଲାଲ୍ ବାହାଦୂରଙ୍କର ବୟସ ମାତ୍ର ଦେଢବର୍ଷ । ମା' ରାମଦୁଲାରୀଙ୍କ ଉପରେ ଯେମିତି ଦୁଃଖର ପାହାଡ ଭାଙ୍ଗିପଡ଼ିଥିଲା । ତଥାପି ସେ ଧୈର୍ଯ୍ୟହରା ନହୋଇ ସେହିଠାରେ ରହି ଦୁଃଖ କଷ୍ଟେ ପିଲା ତିନିଙ୍କୁ ଲାଳନ ପାଳନ କରିବାକୁ ଲାଗିଲେ । ଆଠ ବର୍ଷ ବୟସରେ ଲାଲ୍ ବାହାଦୂର ବନାରସରେ ଥିବା ତାଙ୍କର ଜଣେ ବନ୍ଧୁଙ୍କ ଘରକୁ ଆସିଲେ ଓ ସେ ବନ୍ଧୁଜଣ ଦୟା ପ୍ରଦର୍ଶନ ପୂର୍ବକ ତାଙ୍କ ପାଠ ପଢାର ଦାୟିତ୍ୱ ବହନ କଲେ । ଶାସ୍ତ୍ରୀଜୀ ମଧ୍ୟ ପାଠ ପଢିବା ସହିତ ତାଙ୍କ ଘରର ଛୋଟକାଟିଆ କାମ ସବୁ କରୁଥିଲେ । ପ୍ରତିବଦଳରେ କେବେ କେମିତି ତାଙ୍କ ସେ ପଇସେ କି ଦି' ପଇସେ ଦେଉଥିଲେ । ଲାଲ୍ ବାହାଦୂର ସେହି ପଇସାକୁ ଖର୍ଚ୍ଚ ନକରି ପାଖରେ ସାଇତି ରଖୁଥିଲେ ଓ ଦରକାର ବେଳେ ଖାତା, କଲମ ଇତ୍ୟାଦି କିଣୁଥିଲେ । ଲାଲ୍ ବାହାଦୂର ଥିଲେ ଅତିମାତ୍ରାରେ ସହନଶୀଳ ଓ ଧୈର୍ଯ୍ୟଶୀଳ । କଷ୍ଟ ସହିଷ୍ଣୁ ମଧ୍ୟ । କେବେବି ଦୁଃଖରେ ଭାଙ୍ଗିପଡୁନଥିଲେ କି ମୁଣ୍ଡ ନୁଆଇଁନଥିଲେ । ହସି ହସି ନିଜର ସବୁ ଦୁଃଖକୁ ସହିଯାଉଥିଲେ । ଦିନେ କୌଣସି କାମରେ ରାମନଗର ଯାଇଥିଲେ । ବାଟରେ ଗୋଟିଏ ଅଙ୍ଗୁର ବିକାଳିକୁ ଦେଖି ଅଙ୍ଗୁର ଖାଇବାକୁ ଇଚ୍ଛା ହେଲା । ପକେଟରେ ମାତ୍ର ଦୁଇ ପଇସା ଥିଲା । ଗୋଟିଏ ପଇସା ଡଙ୍ଗା ଭଡା ରଖି ଏକ ପଇସା ଅଙ୍ଗୁର କିଣିଲେ । ଅଙ୍ଗୁର ବିକାଳି ଏକ ପଇସା ବିନିମୟରେ ତାଙ୍କୁ ଚାରିଟି ଅଙ୍ଗୁରୁ ବଢାଇ ଦେଲା । ମାତ୍ର ଚାରିଟି ଅଙ୍ଗୁର ଘରେ ବାଣ୍ଟି ହେବନି ଭାବି ସେ କିଣିଥିବା ଅଙ୍ଗୁର ଫେରାଇଦେଲେ । ଆଉ ଦିନକର ଘଟଣା ପାଖରେ ଗୋଟିଏ ପଇସା ନଥିବାରୁ ସେ ଡଙ୍ଗା ଭଡା ନଦେଇ ପାରି ପହଁରି ପହଁରି ଗଙ୍ଗା ପାରି ହୋଇଥିଲେ । ହରିଶ୍ଚନ୍ଦ୍ର କଲେଜରେ ପଢୁଥିବା ବେଳେ ମାତ୍ର ଷୋଳ ବର୍ଷ ବୟସରେ ମାହାତ୍ମା ଗାନ୍ଧୀଙ୍କ ଡାକରାରେ ଲାଲ୍ ବାହାଦୂର ଲବଣ ସତ୍ୟଗ୍ରହ ଅନ୍ଦୋଳନରେ ଯୋଗ ଦେଇଥିଲେ । ସ୍ୱଳ୍ପକାଳ ପାଇଁ ଜେଲ୍ ବି ଯାଇଥିଲେ । ପରିକ୍ଷା ମଧ୍ୟ ବର୍ଜନ କରିଥିଲେ । ଯିଏ ଯେତେ ପ୍ରକାର ବୁଝାଇଲେ ବି ସେ ବୁଝି ନଥିଲେ । ଦେଶର ଆହ୍ୱାନ ନିକଟରେ ପରୀକ୍ଷଣ ବଡ ନୁହେଁ ବୋଲି ରୋକ୍ ଠକ୍ କହି ଆଉ ପରିକ୍ଷା ଦେଇନଥିଲେ । ଅବଶ୍ୟ ପରେ କାଶୀ ବିଦ୍ୟାପୀଠରେ ନାମ ଲେଖାଇ ପୁଣି ଥରେ ପାଠ ପଢାରେ ମନଦେଲେ ଓ ୧୯୨୫ ମସିହାରେ କାଶୀ ବିଦ୍ୟାପୀଠରୁ "ଶାସ୍ତ୍ରୀ" ଉପାଧି ଲାଭ କରିଥିଷଲ । ଏହି ସମୟରେ ସେ ଏକ ଖଦିଭଣ୍ଡାରରେ କାମ କରାଉଥିଲେ । ଯେତିକି ପଇସା ପାଉଥିଲେ ସେଥିରୁ କିଛି ପଇସା ମା'ଙ୍କୁ ଦେଇ ଅବଶିଷ୍ଟ ନିଜ ଭଉଣୀମାନଙ୍କ ବାହାଘର ପାଇଁ ସଂଚୟ କରୁଥିଲେ । ଶାସ୍ତ୍ରୀଜୀ ନିଜ କାମକୁ ପଛ କରି ଦେଶ କାମକୁ ଆଗ ମନେକରୁଥିଲେ । ପରବର୍ତ୍ତୀ ସମୟରେ ସେ ବିଧିବଦ୍ଧ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଅନେକ ଥର ଜେଲ୍ ମଧ୍ୟ ଯାଇଥିଲେ । ସେ କଠିନ ପରିଶ୍ରମୀ ଥିଲେ । ଦେଶ ସ୍ୱାଧୀନ ହେବା ପରେ ୧୯୫୨ ମସିହାରେ ସେ ହେଲେ କେନ୍ଦ୍ରରେ ରେଳମନ୍ତ୍ରୀ । ଥରେ ସେ ଖରାଦିନେ କୌଣସି କାମରେ ରେଳ ଯୋଗେ ଯାଉଥିଲେ । କିଛିବାଟ ଗଲା ପରେ ସେ ବସିଥିବା ବଗିରେ କୁଲର ଲଗାଯାଇଛି ବୋଲି ଜାଣିବାକୁ ପାଇଲେ । ଏହା କୁଲରଟିକୁ କାଢଇଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

୧୯୫୭ ମସିହାରେ ହୋଇଥିଲେ ସେ ବାଣିଜ୍ୟ ମନ୍ତ୍ରୀ । ଘରୋଇ ବିଭାଗରେ ମଧ୍ୟ ଦାୟିତ୍ୱରେ ଥିଲେ । ମାତ୍ର ପଣ୍ଡିତ ନେହେରୁଙ୍କର ଅକାଳ ବିୟୋଗ ଫଳରେ ୧୯୬୪ ମସିହାରୁ ୧୯୬୬ ମସିହା ପର୍ଯ୍ୟନ୍ତ ମାତ୍ର ଉଣେଇସି ମାସ ସେ ଥିଲେ ସ୍ୱାଧୀନ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ । ସେ ଥିଲେ ଅତି ମାତ୍ରାରେ ସଚ୍ଚୋଟ । ଦୁର୍ନୀତି ତାଙ୍କ ଛାଇ ବି ମାଡି ନଥିଲା । ସେଥିପାଇଁ ସେ ଅନେକ ସମୟରେ ବହୁତ ଅସୁବିଧାରେ ରହୁଥିଲେ । ନିଜ ଝିଅର ବିଭାଘର ପାଇଁ ଅନେକ ଟଙ୍କା କରଜ କରିଥିଲେ ଓ ନିଜର ମାଟରଗାଡିକୁ ବିକ୍ରି କରିଦେଇଥିଲେ । ପ୍ରଧାନମନ୍ତ୍ରୀ ଥିବା ସମୟରେ ସେ ନିଜ ଅଫିସରେ ବସି କାମ କରୁଥିଲେ । ଏହି ସମୟରେ ତାଙ୍କ ପୁଅ ଆସି କିଛି ପଇସା ମାଗିଲା କାଗଜ କିଣି ଖାତା କରିବା ପାଇଁ । ମାତ୍ର ତାଙ୍କ ପାଖରେ ଗୋଟିଏ ପଇସା ନଥିବାରୁ ସେ ପଇସା ଦେଇପାରିଲେ ନାହିଁ ଏବଂ ଦରମା ପାଇଲେ ଖାତା କିଣି ଦେବେ ବୋଲି କହିଲେ । ଏହା ଶୁଣି ପ୍ରଧାନମନ୍ତ୍ରୀଙ୍କ ଅଫିସରେ କାମ କରୁଥିବା ସମସ୍ତ କର୍ମଚାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସ୍ୱଳ୍ପକାଳ ପ୍ରଧାମନ୍ତ୍ରୀ ରୂପେ ରହି ସେ ଅନେକ ସଫଳତା ଅର୍ଜନ କରିଥିଲେ । ଦେଶ ସମ୍ମୁଖୀନ କରୁଥିବା କଠିନ ସମ୍ୟାଗୁଡିକୁ ଅତି ସହଜରେ ଦକ୍ଷତାର ସହିତ ସମାଧାନ କରିଥିଲେ । ଅର୍ଥନୈତିକ ବିକାଶ ପାଇଁ ଅନେକ ପଦକ୍ଷେପ ନେଇଥିଲେ । ସେ ସମୟରେ ଖାଦ୍ୟ ସମସ୍ୟା ଥିଲା ଦେଶର ଏକ ବଡ ସମସ୍ୟା । ଏହାର ସମାଧାନ ପାଇଁ ଖାଦ୍ୟ ଶସ୍ୟ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥିଲେ । କୃଷି ଓ କୃଷକର ଉନ୍ନତି ପାଇଁ ଅଧିକ ଯତ୍ନବାନ ଥିଲେ । ଅତିକମରେ ୫ଟି ସାର କାରଖାନା ପ୍ରତିଷ୍ଠା ପାଇଁ ୨୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିଲା । ଏତଦବ୍ୟତୀତ ଦରଦାମ ନିୟନ୍ତ୍ରଣ ସହିତ କଳାବଜାରୀ ରୋକିବା ପାଇଁ ଅନେକ ପଦକ୍ଷେପ ହାତକୁ ନେଇଥିଲେ । ଦୁଗ୍ଧ ଉତ୍ପାଦନ ଓ ଯୋଗାଣ ବୃଦ୍ଧି କରିବା ଲକ୍ଷ୍ୟରେ ଦେଶ ସାରା "ଶ୍ୱେତ ବିପ୍ଳବ" ନାମକ ଏକ ଜାତୀୟ ସ୍ତରର ପ୍ରଚାର ଅଭିଯାନ ତ୍ୱରାନ୍ୱିତ କରିଥିଲେ । ସାଧାରଣ ଲୋକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ମଧ୍ୟ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ । ସେଥିଲେ ଶାନ୍ତିର କପୋତ । ପଡୋଶୀ ଦେଶମାନଙ୍କ ସହିତ ଶାନ୍ତି ପ୍ରତିଷ୍ଠା କରିବାକୁ ସେ ସର୍ବଦା ଚାହିଁଥିଲେ । ସେହି ସମୟରେ ଦେଶ ଏକ କୋଠର ସମସ୍ୟାର ସମ୍ମୁଖୀନ ହୋଇଥିଲେ । ତାହାଥିଲା ୧୯୬୫ ମସିହାର ଭାରତ-ପାକିସ୍ତାନ ଯୁଦ୍ଧ । ଏହାକୁ ମଧ୍ୟ ଶାସ୍ତ୍ରୀଜୀ ଅତି ସହଜରେ ପରିଚାଳନା କରିଥିଲେ, ଯେଉଁଥିରେ ପାକିସ୍ତାନ ହାରିବା ଭୟରେ ଭାରତ ସହ ସନ୍ଧି କରିଥିଲା । ଜାନୁଆରୀ ୧୦ ତାରିଖ ୧୯୬୬ ମସିହାର ତାସ୍‌କେଣ୍ଟ୍ ଚୁକ୍ତି ସ୍ୱାକ୍ଷରିତ ହେଶଇଥିଲା ସୋଭିୟତ୍ ରୁଷିଆର ଉଜବେକିସ୍ତାନ ରାଜ୍ୟ ତାସ୍‌କେ ଠାରେ । ଏହି ଚୁକ୍ତି ସହିତ ଭାରତ-ପାକିସ୍ତାନ ଯୁଦ୍ଧର ସମାପ୍ତି ଘଟିଥିଲା । ଦୁର୍ଭାଗ୍ୟର ବିଷୟ ଠିକ୍ ଲହାର ପରଦିନ ହାଠତ ହୃଦଘାତ କାରଣରୁ ସେ ସେହିଠାରେ ମୃତ୍ୟୁ ବରଣ କରିଥିଲେ । ମାତ୍ର ତାଙ୍କର ଏହି ପ୍ରକାର ଅସ୍ୱାଭାବିକ ମୃତ୍ୟୁର କାରଣରେ ତାଙ୍କ ପରିବାର ସନ୍ତୁଷ୍ଟ ହୋଇ ନାରିନଥିଲେ । ଯଥାର୍ଥରେ କହିବାକୁ ଗଲେ ଲାଲ୍ ବାହାଦୂର ଶାସ୍ତ୍ରୀ ଥିଲେ ଅତ୍ୟନ୍ତ ସରଳ ଓ ନିର୍ମଳ । ଶନ୍ତିର କପୋତ ଥିଲେ । ସେ ଦେଶର ଯବାନ ଓ ଅଗଣିତ କୃଷକମାନଙ୍କୁ ବହୁତ ଭଲ ପାଉଥିଲେ । ଯବାନମାନେ ଦେଶର ରକ୍ଷକ ହୋଇଥିବା ବେଳେ କୃଷକମାନେ ହେଉଛନ୍ତି ଦେଶର ମେରୁଦଣ୍ଡ ଓ ଅନ୍ନଦାତା । ସେଥିପାଇଁ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ତାଙ୍କର ଧ୍ୱନି ଥିଲା "ଜୟ ଯବାନ, ଜୟ କିଷାନ" । ସେ ଜାତିଗତ ଭେଦଭାବକୁ ଭଲପାଉ ନଥିଲେ । ତେଣୁ ନିଜର ଶ୍ରୀବାସ୍ତବ ସାଙ୍ଗିଆ ଛାଡି ଶିକ୍ଷାକ୍ଷେତ୍ରରେ ଅର୍ଜିତ ନିଜର "ଶାସ୍ତ୍ରୀ" ଉପାଧିକୁ ଯୋଡିଥିଲେ ଏବଂ "ଲାଲ୍ ବାହାଦୂର ଶ୍ରୀବାସ୍ତବ" ପରିବର୍ତ୍ତେ 'ଲାଲ୍ ବାହାଦୂର ଶାସ୍ତ୍ରୀ' ରୂପେ ପରିଚିତ ହେଲେ । ତାଙ୍କର ସର୍ବକାଳୀନ କୃତିତ୍ୱ ପାଇଁ ତାଙ୍କୁ ମରଣୋତ୍ତର ଭାବେ "ଭାରତ ରତ୍ନ" ଉପାଧି ପ୍ରଦାନ କରାଯାଇଛି । ପ୍ରକୃତରେ କହିଲେ ଭାରତର ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ସତରେ , ଲାଲ୍ ବାହାଦୂର ଶାସ୍ତ୍ରୀ ହିଁ ଏ ପବିତ୍ର ମାଟିର ମୂଲ୍ୟବାନ ରତ୍ନଟିଏ ଥିଲେ । ସବୁରି ହୃଦୟରେ ସେ ସର୍ବଦା ଝଲମଲ ହେଉଥିବେ । ଏହା ନିଃସନ୍ଦେହ ।

+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,
ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ- ୮୨୪୯୧୩୭୦୯୧

ଭୃଙ୍ଗରାଜର ଔଷଧୀୟ ଗୁଣ ଓ ଚାଷ ପ୍ରଣାଳୀ

ନଳିନୀ କୁମାର ପଣ୍ଡା

ଭୃଙ୍ଗରାଜର ଉପକାରିତା : ଭୃଙ୍ଗରାଜ ଏକ ବାର୍ଷିକ ବା ବହୁ ବର୍ଷୀୟ ତୃଣ । ଭାରତରେ ସର୍ବତ୍ର ଦେଖିବାକୁ ମିଳୁଥିବା ଏହି ତୃଣ ବା ଲତା ଜାତୀୟ ବନସ୍ପତିଟି ସାଧାରଣତଃ ପାଣି ଜମୁଥିବା ବା ସନ୍ତସନ୍ତିଆ ଜାଗାମାନଙ୍କରେ, କ୍ଷେତବାଡ଼ିରେ କିମ୍ବା ଗୋବର ଗଦାମାନଙ୍କରେ ଉଠିଥାଏ । ପ୍ରତ୍ୟେକ ଗଣ୍ଠିରୁ ଚେର ବାହାରି ଭୂମିରେ ମାଡ଼ି ବିସ୍ତାରିତ ହୋଇ ବଢ଼ିଥାଏ । କାଣ୍ଡ କୃଷ୍ଣାଭ, ଲୋମଶ ଅଟେ । ପତ୍ର ବିପରୀତ, ୨-୧୦ ସେ.ମି. ଲମ୍ବ, ୧-୨.୫ ସେ.ମି. ଚଉଡ଼ା, ଆୟତାକାର, ବର୍ଚ୍ଛାକାର, ପତ୍ରର ଉଭୟ ପୃଷ୍

ବିବିଧ ବିଶ୍ୱ
ଦେଶ ବିଦେଶର ଜଣାଅଜଣା
ଧ୍ୱନି ପ୍ରତିଧ୍ୱନି
୫ ♣ ବାଲେଶ୍ୱର ♣ ଶନିବାର, ନଭେମ୍ବର ୭, ୨୦୨୦

ମାୟାଧର ନାୟକ

ଏ ଓଡିଶାକୁ ଉଜାଡି ଦେଲା କିଏ ?



ଓଡିଶା ପ୍ରାକୃତିକ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ । ଅଥଚ ଆମ ରାଜ୍ୟ ଦରିଦ୍ର, ଅନଗ୍ରସର, ପଛୁଆ - ଏଇ କଥା ଶୁଣି ଶୁଣି କାନ ତାବ୍‌ଦା ହୋଇଗଲାଣି । ସମସ୍ତେ କାନ୍ଦୁଛନ୍ତି, କିନ୍ତୁ କାହା ଆଖିରୁ ଲୁହ ବୁନ୍ଦେ ବହୁ ନାହିଁ । କୁମ୍ଭୀର କାନ୍ଦଣା । ଆମ ଜାଣିବା ଶୁଣିବା ବୋଲାଇ ହେଉଥିବା ନେତା-ବକ୍ତାମାନଙ୍କ ଘଡଘଡିନିନ୍ଦୀ ରଡିରେ ବରାବର ଘୋଷଣା କରାଯାଏ - ଦେଶୀବିଦେଶୀ ବ୍ୟବସାୟୀମାନେ ଓଡିଶାର ପ୍ରାକୃତିକ ସମ୍ପଦ, ଶସ୍ତା ଶ୍ରମ, ଜମି, ଜଳ ଉପରେ ଅଧିକାର ସାବ୍ୟସ୍ତ କରି ଆମକୁ ଦରିଦ୍ର ବୋଲି ଭାବିନେଇ ଖାତିର କରୁନାହାନ୍ତି । ବାସ୍ତବରେ ଆମର ପ୍ରିୟ ରାଜ୍ୟ ଓଡିଶା କ'ଣ ସତରେ ଦରିଦ୍ର ? ନା, ଦାରିଦ୍ର ନୁହେଁ, ବରଂ ପ୍ରତାରିତ !ଏଥିପାଇଁ ଦାୟୀ କିଏ ? ପ୍ରାକୃତିକ ସମ୍ପଦରେ ଭରପୂର ଓଡିଶା ଦରିଦ୍ର କାହିଁକି ?କେବେ ଓଡିଶାବାସୀ ନିଦରୁ ଉଠିବେ ? କେବେ ନିଜ ଅଧିକାର ସାବ୍ୟସ୍ତ କରିବେ ? କେବେ... କେବେ... କେବେ... !!

ଆମର ଏ ପ୍ରିୟ ରାଜ୍ୟ ଓଡିଶା ଖଣିଜ, ବନ, ଜଳ ସମ୍ପଦର ବିଶାଳ ଭଣ୍ଡାର । କିନ୍ତୁ ଶିଳ୍ପ ଓ କୃଷି କ୍ଷେତ୍ରରେ ଆଶାନୁରୂପ ଅଗ୍ରସର ହୋଇପାରୁନାହିଁ । ଓଡିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଧିକାଂଶ ଜମିରେ ବର୍ଷକୁ ଗୋଟିଏ ଫସଲ ଅମଳ ହୁଏ । ତା' ପୁଣି ବର୍ଷାର ଦୟା ଉପରେ ନିର୍ଭର କରେ । ଜଳର ପ୍ରାଚୁର୍ଯ୍ୟ ଥିଲାବେଳେ ଜଳସେଚନର ସୁବିଧା ନାହିଁ । ବଢି ମରୁଡିରେ କବଳିତ ଓଡିଶାର ଚାଷୀ ଓ କୃଷି ଶ୍ରମିକ ନିହାତି ହୀନିମାନିଆ ଅବସ୍ଥାରେ ଦିନ କଟାନ୍ତି । ଚାରିଆଡେ ନଦୀନାଳ, ମାଟି ତଳେ ପାଣି, ମାଟି ଉପରେ ପାଣି, କିନ୍ତୁ ଚାଷ ଜମିକୁ ଜଳ ନାହିଁ । ଏପର୍ଯ୍ୟନ୍ତ ଜଳ ଭଣ୍ଡାର ଓ ଜଳସେଚନରୁ ଯାହାକିଛି ଜମି ଚାଷ କରାଯାଇଛି, ତାହା ନଗଣ୍ୟ । ଯେ ପର୍ଯ୍ୟନ୍ତ ଚାଷ ପାଇଁ ଜଳସେଚନର ବ୍ୟବସ୍ଥା କରାନଯାଇଛି, ସେ ପର୍ଯ୍ୟନ୍ତ କୃଷିର ବିକାଶ ହେବା ଅସମ୍ଭବ । କୃଷିର ବିକାଶ ନହେଲେ ଦାରିଦ୍ର୍ୟ ଘୁଞ୍ଚିବ କିପରି ? ଓଡିଶାରେ ଛୋଟ ଚାଷୀ, ଭୂମିହୀନଙ୍କ ସଂଖ୍ୟା ବଢିବାରେ ଲାଗିଛି । ଯେଉଁମାନଙ୍କ ପାଖରେ ଅଳ୍ପ ଜମି ଅଛି - ସେମାନେ ସମ୍ଭବ, କୌଶଳ ଖଟାଇ ଚାଷ ଉଠାଇବା କଷ୍ଟକର ହୋଇପଡିଛି । ଜମି ଧୀରେ ଧୀରେ ବଡ ଚାଷୀ ଓ ଶିଳ୍ପପତିମାନଙ୍କ ଦ୍ୱାରା କବଳିତ ହେବାରେ ଲାଗିଛି । ଚାଷରୁ ଲାଭ ପାଉନାହାନ୍ତି ବୋଲି ଅଧିକାଂଶ ଗ୍ରାମରୁ ଲୋକମାନେ କାମଧନ୍ଦା ଅନ୍ୱେଷଣରେ ଓଡିଶା ବାହାରକୁ ପଳାଇ ଯାଉଛନ୍ତି । ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ଖଣିଜ ସମ୍ପଦରେ ଈର୍ଷଣୀୟ ଆସନର ଅଧିକାରୀ । ଏବେ ୪୦ଟି କମ୍ପାନୀ ଇସ୍ପାତ ଶିଳ୍ପ ପାଇଁ ଧାଡି ଲଗାଇଛନ୍ତି । ଆମ ଖଣି ଉପରେ ତାଙ୍କ ଲୋଲୁପ ଦୃଷ୍ଟି । କଳେବଳେ-ଛଳେ-କଉଶଳେ ଖଣି ହାତେଇବାରେ ବ୍ୟସ୍ତ । ଓଡିଶାରେ ଯେଉଁ କେତୋଟି ଶିଳ୍ପ ଗଢିଉଠିଛି, ସେଥିରେ ନିତାନ୍ତ ମାନ୍ଦାବସ୍ଥା । ବହୁ ଶିଳ୍ପ, କଳ-କାରଖାନା, ଖଣି-ଖାଦାନ ବନ୍ଦ ହୋଇଗଲାଣି । କାମ କରୁଥିବା ଲୋକେ ତ ଛଟେଇ ହେବାର ପ୍ରକ୍ରିୟା ଜାରି ରହିଛି, ନୂଆ ଲୋକଙ୍କୁ କାମ ମିଳିବ କେଉଁଠୁ ? କୃଷିରେ ମାନ୍ଦା, ଶିଳ୍ପରେ ମାନ୍ଦା ହେଲେ ରାଜ୍ୟର ପ୍ରଗତି ସମ୍ଭବ କି ?ଯେଉଁ ଦେଶର ଖଣିଜ ସମ୍ପଦ ବିଦେଶକୁ ରପ୍ତାନୀ ହୁଏ, ସେ ଦେଶର ଲୋକଙ୍କ ଅର୍ଥନୈତିକ ଅବସ୍ଥା ସୁଧୁରେ ନାହିଁ । କଳକାରଖାନା ଗଢି ନଉଠିଲେ, କୃଷିର ବିକାଶ ନହେଲେ, ଏବଂ କର୍ମନିଯୁକ୍ତି ସୃଷ୍ଟି ନହେଲେ, ଲୋକେ ଅଭାବରେ ପଡି ସ୍ୱଭାବ ନଷ୍ଟ କରିବେ ହିଁ କରିବେ ।ଓଡିଶାବାସୀଙ୍କ ପାଖରେ ଖାଦ୍ୟ, ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ଓ ଯୋଗାଯୋଗ ପରି ଅତ୍ୟାବଶ୍ୟକ ସୁବିଧା ପହଂଚି ପାରି ନାହିଁ । ଏହିସବୁ ସୁବିଧା ସୃଷ୍ଟି କରିବାରେ କିଛି ଅସୁବିଧା ନାହିଁ । କେବଳ ଆନ୍ତରିକ ଇଚ୍ଛାଶକ୍ତିର ହିଁ ଯାହା ଅଭାବ । ସ୍ୱାଧୀନତା ପରେ ଯେତେ ଦଳ ବା ସରକାର ଶାସନ କଲେ, ଆଜି ବି କରୁଛନ୍ତି - ଅଛନ୍ତି, ସେମାନେ ଦେଶପ୍ରେମ, ଜାତିପ୍ରେମ ବଦଳରେ କେବଳ 'ଆତ୍ମପ୍ରେମ' ଓ 'ଆତ୍ମୀୟପ୍ରେମ'ରେ ମଜ୍ଜିଗଲେ । ନିଜେ ଧନୀ ହେଲେ, ଓଡିଶାବାସୀଙ୍କୁ କିନ୍ତୁ ସୀମାହୀନ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ କଲେ । ରାଜନୈତିକ ଶଠତା ଭଣ୍ଡାମୀରେ ବୁଡିଗଲେ । ଅର୍ଥନୈତିକ ଶୋଷଣ, ସାମାଜିକ ଅବିଚାର, ସାଂସ୍କୃତିକ ବ୍ୟଭିଚାରରେ ରାଜ୍ୟବାସୀ ଅତିଷ୍ଠ ହୋଇଗଲେଣି । ସମସ୍ତେ ନିଜ ନିଜ ସ୍ୱାର୍ଥରେ ମଜ୍ଜି ଯାଉଛନ୍ତି । ରାଜ୍ୟବାସୀଙ୍କ କଥା ଚିନ୍ତା କରିବାକୁ ବେଳ କାହିଁ ? ପୁନଶ୍ଚ ଜ୍ଞାନ, ଅଭିଜ୍ଞତା ଓ ଆଭିମୁଖ୍ୟର ପ୍ରଚଣ୍ଡ ଦୁର୍ବଳତା ଯୋଗୁଁ ଓଡିଶାରୁ ଯୋଗ୍ୟଲୋକ ବାହାରି ପାରୁନାହାନ୍ତି । କିଛି ଅଯୋଗ୍ୟ ଲୋକଙ୍କୁ ବାରମ୍ବାର ଯୋଗ୍ୟ ବୋଲି ଯେତେ ପ୍ରଚାର କଲେ, କେବଳ ଲୋକହସା ହେବା ହିଁ ସାର ହେଉଛି । ସତ କଥା କହିଲେ, କ୍ରୋଧର ଶିକାର ହେବାକୁ ପଡୁଛି । ଯେଉଁମାନେ ଭଲ ଲୋକ, ସେମାନେ ଚୁପ୍‌ଚାପ୍ ବସୁଛନ୍ତି । ପୁଁବାଦୀ ଲୋକମାନେ ରାଜନୀତି, ଅର୍ଥନୀତି, ସମାଜନୀତି ଓ ସଂସ୍କୃତିକୁ ଜାବୁଡି ଧରି ନିଜ ସ୍ୱାର୍ଥରେ ଲଗାଇଛନ୍ତି । ଶ୍ରମଜୀବୀ-କର୍ମଜୀବୀମାନେ ସଂଗଠିତ ହୋଇପାରୁନାହାନ୍ତି । ପ୍ରତିବାଦ, ପ୍ରତିରୋଧର ସ୍ୱର ଅତ୍ୟନ୍ତ କ୍ଷୀଣ । ଏମିତି ଚାଲୁଥିଲେ ଓଡିଶା ପଛରେ ପଡି ରହିବାକୁ ବାଧ୍ୟ । ବ୍ରିଟିଶ୍ ଭାରତକୁ ଯେତେବେଳେ ପରାଧୀନ କରି ରଖିଥିଲା, ସେତେବେଳେ ଆମର ବିକାଶ ବାଧାପ୍ରାପ୍ତ ହେଉଥିଲା । ଏବେ ଦେଶ ବହୁ ବର୍ଷ ହେଲା ସ୍ୱାଧୀନ ହେଲାଣି । ଆମେ ସବୁ ଠକି ଯାଉଛେ, ବହୁ ଲୋକଙ୍କ ଅନ୍ତରାତ୍ମା କାନ୍ଦୁଛି । ଆମେ କେହି କାହା ସହିତ ଏକମେଳ ହୋଇ କାମ କରିବାକୁ ପ୍ରସ୍ତୁତ ନୋହୁଁ । ଆମେ ସବୁ ଡରୁଆ ହୋଇଯାଉଛୁ ... କିମ୍ବା ସୀମିତ-ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ ଯୋଗୁଁ ଗବଗଛ ଭଳି ନିଜକୁ ମହାଦ୍ରୁମ ଭଳି ଭାବୁଛୁ । ଆଜି ଓଡିଶାରେ ଯେଉଁ ଆଡକୁ ଅନାଇବା, ସେଆଡେ ଗଦା ଗଦା ସମସ୍ୟା । ପ୍ରକୃତିର ଗନ୍ତାଘର ଓଡିଶା ଆଜି ସମସ୍ୟାର ଗୋଦାମଖାନାରେ ପରିଣତ ହୋଇଛି । ସମସ୍ୟା ସମାଧାନ କରିବା ଦିଗରେ କୌଣସି ଚିନ୍ତା ନାହିଁ । ସମସ୍ୟା ସୃଷ୍ଟି କରିବାରେ ବରଂ ଆମର ତଥାକଥିତ ମଙ୍ଗୁଆଳମାନେ ଧୁରନ୍ଧର । ନାରୀ ନିର୍ଯାତନା, ଧର୍ଷଣ, ହତ୍ୟା, ଧର୍ମ ନାଆଁରେ ଅଧର୍ମ କର୍ମ କରିବାରେ ଓଡିଶା ପୃଥିବୀରେ ନାଁ କରିଗଲା ! ଆମ 'କରିତ୍‌କର୍ମା' ନେତାମାନେ ଦୂରଦର୍ଶନ, ସମ୍ବାଦପତ୍ର ପରି ଗଣମାଧ୍ୟମମାନଙ୍କରେ ଘନ ଘନ ଦୃଶ୍ୟମାନ ହେଲେ । ଆଜି ମୁରବୀଙ୍କ ସଂଖ୍ୟା ବଢୁଛି, ମାତବରଙ୍କ ସଂଖ୍ୟା ବଢୁଛି, ମତଲବୀଙ୍କ ସଂଖ୍ୟା ବଢୁଛି, ମାରି ନେଉଥିବା 'ମହାପାତ୍ର'ମାନଙ୍କ ସଂଖ୍ୟା ବଢୁଛି । ଆମ ରାଜନୀତିରେ ମଣିମାମାନଙ୍କ ସଂଖ୍ୟା ବଢୁଛି - ମାତ୍ର ଅତି ଶୋଚନୀୟଭାବରେ କମି କମି ଆସୁଛି ଅସଲ ମଣିଷମାନଙ୍କ ସଂଖ୍ୟା । ମୂଲ୍ୟ ବଢୁଛି, କମୁଛି ମୂଲ୍ୟବୋଧ । ଆମ ରାଜନୀତିରେ ରଣପା ଚଢି ବୁଲୁଥିବା ଦଳେ ଲୁଟେରା ଏଠି ଧରିଛନ୍ତି ଶାସନର ଡୋରୀ । ଏମାନେ ବିପ୍ଳବକୁ କରିଛନ୍ତି ବିଜ୍ଞପ୍ତି । ପ୍ରଗତିକୁ କରିଛନ୍ତି ପ୍ରଚାରପତ୍ର । ଆଦର୍ଶକୁ କରିଛନ୍ତି ଗୋଟାଏ ଶସ୍ତା ସରକାରୀ ଇସ୍ତାହାର । ହଁ, ଆଜି ଗଣତନ୍ତ୍ର ପରିଣତ ହୋଇଛି - ଗଚ୍ଚିତରେ - ଗୋଟିଏ ଅଛିଣ୍ଡା ଗଣିତରେ ! ଏମାନେ ମା' ଓଡିଶାକୁ ଆହୁରି ଦୁଃଖିନୀ କରି ନିଜେ ତୋଳୁଛନ୍ତି ନିଆରା ନଅର - ମାର୍ବଲ୍ ମହଲ । ଆମ ଶାସନର ଆସନରେ ଏଯାବତ୍ କେବଳ ଜାରି ରହିଛି ନକଲୀ ନେତୃତ୍ୱର ନବାବୀ ରାଜ୍ । ନିରୀହ ଜନଗଚ୍ଚ ନିଷ୍ଠା ଓ ପତିଆରାକୁ ପୃଷ୍ଠଦେଶରୁ ଯେଉଁ ଚତୁର ଛୁରିକାଘାତର ପର୍ବ ଆରମ୍ଭ ହୋଇଛି, ତାହାର ଅନ୍ତ ପାଇଁ ଯେଉଁମାନେ ସ୍ୱର ଉତୋଳନ କରୁଛନ୍ତି - ସେମାନଙ୍କୁ ଆଖି ପିଛୁଳାକେ, ଖତମ୍ କରିଦେବାର ଜଘନ୍ୟ ଉଦ୍ୟମ ଆଜି ବି ପରିଲକ୍ଷିତ ହେଉଛି । ଆଜି ବି ଅସଲ ନେତୃତ୍ୱ ଅସହାୟ ଅଭିମନ୍ୟୁ ପରି ରାଜନୀତିର ରଣାଙ୍ଗନରେ ଏଇ ତଥାକଥିତ ରଥୀ ମହାରଥୀମାନଙ୍କ ରଚିତ ଚଂଚକତାପୂର୍ଣ୍ଣ ଚକ୍ରବ୍ୟୂହ ମଧ୍ୟରେ ବାଟ ଖୋଜି ପାଉନି । କେତେ କଥା ବଖାଣିବା !!ସବୁ କଥା ଘଷରା ହୋଇଗଲାଣି । ରାଜ୍ୟରେ ଦୁର୍ନୀତି କଥା ପଡିଲେ ଆଉ କେହି କିଛି କହୁନାହାନ୍ତି । ଏବେ ଜଳସମ୍ପଦ ଓ କୃଷି ବିଭାଗର ଦୁର୍ନୀତି, ବିହାର ପଶୁଖାଦ୍ୟ ଦୁର୍ନୀତିର ତିନିଗୁଣ ହେବ । ଚାଷୀ ଓ ଜଳ ପାଇଁ ଉଦ୍ଦିଷ୍ଟ ଟଙ୍କାକୁ ମନ୍ତ୍ରୀ, ଯନ୍ତ୍ରୀ, ଠିକାଦାର ଓ ଅଫିସରମାନେ ବେପରୁଆ ଭାବେ ଭାଗବାଂଟ କରିନେଉଥିବା ବ୍ୟାପାରରେ ଚାଷୀକୁଳ ଜଳକା ହୋଇ ଚାହିଁ ରହିଛି । ଏମାନଙ୍କ ଅଶୁଭ ମୈତ୍ରୀ ପାଇଁ ଓଡିଶାର ଚାଷୀକୁଳ ତଳିତଳାନ୍ତ ହୋଇଗଲାଣି । ସବୁ ବିଭାଗରେ ନଖଠୁ ଶିଖାଯାଏଁ ଦୁର୍ନୀତି । ଦୁର୍ନୀତିକୁ ବର୍ତମାନ କରିନିଆଗଲାଣି ଜାତୀୟକରଣ । ଦୁର୍ନୀତିର ଦୁର୍ଦ୍ଦାନ୍ତ ଦୁର୍ଗନାୟକମାନେ ଆଉ କେତେକାଳ ଓଡିଶାକୁ ନିଜର ଜାଗୀର୍ ବା ଜମିଦାରୀ କରି ରଖିଥିବେ ? ଯେଉଁ ଭୂଇଁରେ ନିର୍ଭୟରେ ନାରୀ ଆଜି ବାଟ ଚାଲିପାରେ ନାହିଁ - ମେହନତୀ ମଣିଷ ତା' ନ୍ୟାର୍ଯ୍ୟ ମର୍ଯ୍ୟାଦା ପାଇପାରେ ନାହିଁ - ବଂଚିତ ଓ ପ୍ରବଂଚିତ ବର୍ଗ ସଠିକ୍ ନ୍ୟାୟ ହାସଲ କରିପାରେ ନାହିଁ, ସେ ଭୂଇଁରେ ଆଜି ବିପ୍ଳବର ବିହନ ବୁଣିବା ପାଇଁ ଅସଲ ମଣିଷମାନେ ମିଳିତ ହେବା ଦରକାର । ଆଜି ଆମରି ଏ ପ୍ରିୟ ଓଡିଶାଭୂଇଁ ଫଟାଭୂଇଁ । ଜମିରେ ଜଳ ନାହିଁ, ଗାଁରେ ବିଶୁଦ୍ଧ ପିଇବା ପାଣି ନାହିଁ, ଅଂଶୁଘାତରେ ଲୋକେ କଳବଳ ହୋଇ ମରୁଛନ୍ତି, ଚାରିଆଡେ ଜଳ ପାଇଁ ହାହାକାର ପଡିଗଲାଣି । କୂଅ ଖୋଳା ଯାଉଛି କାଗଜପତ୍ରରେ - ଏବେ ପାଣି ଟୋପେ ପାଇଁ ହାହାକାର ପଡୁଛି - ମରୁଡିଗ୍ରସ୍ତ ଇଲାକାରେ ଅସହାୟ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଅଭାବ, ଅନଟନରେ ଲୋକେ ଅଶ୍ୱସ୍ତିରେ ଦିନ କଟାଉଛନ୍ତି । ମାତ୍ର କେଇଟା ଟଙ୍କାରେ ବିକା ହେଉଛି ଏ ମୁଲକର ନିଷ୍ପାପ ଶିଶୁ ସନ୍ତାନ । ବେକାରଙ୍କ ଆର୍ତନାଦ କେହି ଶୁଣିବାକୁ ନାହିଁ ।

ବଂଚିବାର ଦାୟରେ ଭିଟାମାଟି ଛାଡି 'ଦାଦନ'କୁ ଯାଉଛି ଏ ମୁଲକର ମେହନତୀ ମଣିଷ । ଅଥଚ ଆମ ରାଜନୀତିଆ ଧୋବଧାଉଳିଆ, ବାବୁ ସାହେବମାନଙ୍କର ଆଖି ଦୃଶିଆ ସଭାସମିତି ଚାଲିଛି ରାଜ୍ୟବ୍ୟାପୀ । ଦ୍ରୁତ ବିକାଶର ବିଜ୍ଞାପନ ଛାପା ହେଉଛି ବଡ ବଡ ହରଫ୍‌ରେ । 'ହାତି ଦେବି, ଘୋଡା ଦେବି'ର ଅଛିଣ୍ଡା ଅର୍କେଷ୍ଟ୍ରା ତୁହାଇ ତୁହାଇ ବାଜି ଉଠୁଛି ସରକାରୀ କଳଗାଉଣାରେ । ଚୁମ୍ବକେ ଦି'ଚାରି ପଦ କଥା କହିଲୁ । ସବୁକଥା ତଥ୍ୟ ଦେଇ ଲେଖି ବସିଲେ ରାମାୟଣ, ମହାଭାରତ ଠାରୁ ବଡ ହୋଇଯିବ । ଯୁଆଡକୁ ଆଖି ପକେଇବ, ସବୁଆଡେ ଭୀଷଣ ବିଭ୍ରାଟ । ସମସ୍ତେ ଅଙ୍ଗେନିଭାଉଛନ୍ତି, ହେଲେ ପ୍ରତିକାର କାହିଁ ?କେତେ ଦିନ ଆମେ ଏ ଦୁରବସ୍ଥାର ଦୁର୍ଗ ଭିତରେ ପଡି ରହିଥିବା ? ଏ ଜାତି କେବେ ମୁଣ୍ଡ ଟେକିବ ? ଅଳ୍ପ ହେଉ, କେତେଜଣ ଭଲ ଲୋକ କ'ଣ ଏକାଠି ହୋଇ କିଛି ପ୍ରତିକାର ବ୍ୟବସ୍ଥା କରି ପାରିବେ ନାହିଁ ? ଏହିସବୁ କଥା ଏବେ ମନକୁ ବିବ୍ରତ କରୁଛି । ଆଉ ବ୍ୟସ୍ତ ହେଲେ କିଛି ଲାଭ ହେବ ନାହିଁ । ଯେତେବେଳେ ଓଡିଶାରେ କୌଣସି ଦଳ, ନେତା, ଆଗୁଆ ହୋଇ ବାହାରୁ ନାହାନ୍ତି, ସବୁ ବିପଦକୁ ମୁକାବିଲା କରି ଓଡିଶାବାସୀଙ୍କ ମୁହଁରେ ହସ ଫୁଟାଇବାକୁ, ତା' ହେଲେ ଆମେ କେତେଜଣ ଆଉ ବସିବା କାହିଁକି ? ଯାହା ଚାଲିଛି ସେଇ ସ୍ରୋତରେ ସୁବିଧାରେ ଭାସିଯିବା ପାଇଁ କିଛି ଦଳ, ଲୋକ, ପ୍ରତିଯୋଗିତା କରୁଛନ୍ତି । ଦଳେ ଅନେଇଛନ୍ତି ତାଙ୍କ ଭାଗ୍ୟରେ କେବେ ଶିକା ଛିଣ୍ଡିବ ? ସଂଗ୍ରାମୀ, ସଚ୍ଚାଦଳ- ଲୋକଙ୍କ ଦଳ ବୋଲି ନିଜ ଡେଙ୍ଗୁରାକୁ ନିଜେ ପିଟୁଥିବା ଲୋକ କେତେଜଣ ହାଲିଆ ହୋଇଗଲେଣି । ତାଙ୍କ ଡେଙ୍ଗୁରା ବି ଫୁଟିଗଲାଣି । ସେ ଡେଙ୍ଗୁରାର ଶବ୍ଦ ବିକଟାଳ ହୋଇଗଲାଣି । ଏମାନେ ପରସ୍ପରକୁ ଟାହି ଟାପରା କରିବାରେ, କାଦୁଅ ଫୋପାଡିବାରେ ସମୟ ନଷ୍ଟ କରୁଛନ୍ତି । ଏହି ସବୁ ଦଳ ଓ ଲୋକମାନଙ୍କ ସଂଖ୍ୟା ଶହେରୁ ପାଂଚ ଟପିବ କି ନାହିଁ ସନ୍ଦେହ । ଏମାନଙ୍କ ଭିତରେ କିଛି ଭଲ ଲୋକ ବି ଅଛନ୍ତି । ହେଲେ କ'ଣ ହେବ ? ସେମାନେ ବି ଅଯଥାରେ ପାପର ଭାଗୀଦାର ।

ଏହି ସବୁ ଦଳମାନଙ୍କର ତାମ୍‌ସା ଓ ତାଣ୍ଡବ ନୃତ୍ୟ ଦେଖି ଗାଁ ଗଣ୍ଡା, ସହର ବଜାରରେ ଥିବା ସଂଖ୍ୟାଧିକ ଲୋକଙ୍କ ମନରେ ପ୍ରବଳ ବିତୃଷ୍ଣା, ଘୃଣା ଓ ହତାଶ ଭାବ । ସେମାନେ କୌଣସି ଦଳ ଓ ନେତାମାନଙ୍କୁ ବିଶ୍ୱାସ କରୁନାହାନ୍ତି । ସେମାନେ ବିକଳ୍ପ ଖୋଜୁଛନ୍ତି । ଯୁଆଡକୁ ଅନାଉଛନ୍ତି, ଯାହାକୁ ଦେଖୁଛନ୍ତି - ସବୁ ଏକା ଭାଡିର ପାରା ଭଳି ଦେଖାଯାଉଛନ୍ତି । ସେମାନେ ବିକଳ ହୋଇ ଖୋଜୁଛନ୍ତି - କିଏ ବାହାରନ୍ତା କି ? ପାପୀ, ଭଣ୍ଡ, ପ୍ରତାରକମାନଙ୍କୁ ସାବାଡ କରନ୍ତା !ମଣିଷ ଟିକେ ଶାନ୍ତିରେ ନିଃଶ୍ୱାସ ମାରନ୍ତେ !

କୋଟି କୋଟି ଲୋକ ଭାବୁଛନ୍ତି କିଏ ଜଣେ ବାହାରି ଉପକଥାର ଯାଦୁକର ପରି ତାଙ୍କ ପାଇଁ ସବୁକିଛି କରି ଦିଅନ୍ତା ! ଅନେକ ଲୋକ ବାହାରିଥିଲେ, ଲୋକମାନେ ତାଙ୍କୁ ବିଶ୍ୱାସ କରି ପଛରେ ଗୋଡାଇଥିଲେ । ତାଙ୍କ ପାଇଁ ସବୁକିଛି କରିଛନ୍ତି । କିନ୍ତୁ ଫଳ ଓଲଟା ପାଇଁ ହତାଶା-ପଙ୍ଗରେ ପଡିଛନ୍ତି । ଯେଉଁ ପ୍ରକାର ଧାରା ଚାଲିଛି - ପ୍ରକ୍ରିୟା ଚାଲିଛି - ସେଥିରୁ ମନେ ହେଉଛି ଆଜି ଓଡିଶା ଯେମିତି ଗୋଟାଏ ଅନ୍ଧାରୀ ମୁଲକ । ଏଠି ସମସ୍ତଙ୍କ ଓଠରେ ଥୁକୁଲ, ଆଖିରେ ପଟି, କାନରେ ପାପୁଲି । ଚଳନ୍ତି ନେତୃତ୍ୱ କେବେ ଚାହୁଁନି - ଓଙ୍ଗିଶା ବଦଳୁ । ଓଡିଶା ବଦଳିଲେ ନକଲି ନେତୃତ୍ୱ ବଦଳିବାକୁ ବାଧ୍ୟ । ବର୍ତମାନ ସାରା ଓଡିଶାରେ-ଗାଁ-ଗଣ୍ଡା, ସହର, ବଜାର ସବୁଆଡେ ଚାଷୀ, ଶ୍ରମିକ, ଛାତ୍ର, ଯୁବକ, ମହିଳା, କୃଷିଶ୍ରମିକ ପ୍ରବଳ ଆନ୍ତି, ଅସନ୍ତୋଷର ବହ୍ନିରେ ପ୍ରଜ୍ୱଳିତ । ସେମାନେ ଥରେ ଏକାଠି ହେଲେ, ସଠିକ୍ ନେତୃତ୍ୱ ମିଳିଲେ ସମସ୍ତଙ୍କୁ ସାବାଡ କରିଦେବେ । ହେଲେ ନେତା କାହିଁ ? ଯେଉଁ ନେତାମାନେ ଠାଏଁ ଠାଏଁ ସେମାନଙ୍କୁ ମତଉଛନ୍ତି - ତତଉଛନ୍ତି, ବାଟ ଜଣା ନଥିବାରୁ ଅବାଟରେ ନେଇ ହତାଶିଆ କରି ପକାଉଛନ୍ତି । ବାରମ୍ବାର ଲୋକେ ପ୍ରତିଶ୍ରୁତିର ପଦ୍ମତୋଳା ଶୁଣି ଶୁଣି ପ୍ରତାରିତ ହୋଇ ଭାଗ୍ୟକୁ ନିନ୍ଦୁଛନ୍ତି । ପରିବର୍ତନ ପାଇଁ ନୂଆ କିଚି କଥା କହିଲେ, ଏକଦମ୍ ଠିକ୍ ବୋଲି କହୁଛନ୍ତି । କିନ୍ତୁ ହଠାତ୍ ବାହାରି ପାରୁନାହାନ୍ତି । ଦୁର୍ନୀତି, ଚଂଚକତାରେ କୋଟି କୋଟି ଟଙ୍କା ମହକୁଦ୍ ରଖିଥିବା ମତଲବୀ ନେତୃବର୍ଗଙ୍କ ନିଜସ୍ୱ ଭଡାଟିଆ ଗୁଣ୍ଡାବାହିନୀ ଓ ସରକାରୀ କଳର ଦମନ ଅତ୍ୟାଚାରକୁ ମୁକାବିଲା କରିବା ଅସମ୍ଭବ ବୋଲି ଲୋକେ ଭାବୁଛନ୍ତି । ଏ ଦୁନିଆରେ ଅସମ୍ଭବ ବୋଲି ଚିନ୍ତା କରିବା ହିଁ ପରାଜୟର ଲକ୍ଷଣ । ଯାହା ବାସ୍ତବ ସତ୍ୟ, ତାହା ନିଶ୍ଚିତ ସମ୍ଭବ । ଗଣ ଜାଗରଣର ନୂତନ ଅଧ୍ୟାୟ ସୃଷ୍ଟି ନହେଲେ ଦୃଷ୍ଟିଭଙ୍ଗୀ ବଦଳି ପାରିବ ନାହିଁ । ଶାସନର ଢାଂଚା ବଦଳିପାରିବ ନାହିଁ- ରାଜନୀତିର ନୂଆ ରାସ୍ତା ଫିଟିପାରିବ ନାହିଁ । ଓଡିଶା ପଡି ରହିଥିବ ଯେଉଁ ତିମିରେକୁ ସେଇ ତିମିରେ । ଆସନ୍ତୁ ଗୋଟିଏ ମଂଚରେ ଏକାଠି ହେବା । ବଜ୍ରମୁଷ୍ଟି ଉତୋଳନ କରିବା । କ୍ଷମତାନ୍ଧ, କ୍ଷୁଧିତ ନେତୃତ୍ୱର କାଚଘର ସାମ୍ରାରେ ନିର୍ମାଣ କରିବା ନିର୍ଭୀକ ପ୍ରତିବାଦର ବିଶାଳ ପରମ୍ପରା । ହିଟଲର ଓ ମୁସୋଲିନୀ ଭଳି ନୃଶଂସ, ଦୁର୍ଦ୍ଦାନ୍ତ ଚରିତ୍ର ସବୁ ଜନ ବିସ୍ଫୋରଣର ସ୍ଫୁଲିଙ୍ଗରେ ପାଉଁଶ ହୋଇ ଯାଇଛନ୍ତି । ଆଜି ଏ କୁଚକ୍ରୀ ଖଳନାୟକମାନଙ୍କୁ ଆମେ ତେବେ ଡରିବା କାହିଁକି ? ଆମେ ସମସ୍ତେ ଏକାଠି ହେଲେ- ଚିତ୍କାର ନକରି ଫୁତ୍କାର ତୋଳିଲେ- ପ୍ରତାରଣାର ଏ ପର୍ଯ୍ୟାୟ ମୁହୂର୍ତକ ମଧ୍ୟରେ ଧୂଳିସାତ୍ ହେବ । ତେବେ ଏଥିପାଇଁ ପ୍ରସ୍ତୁତିର ପର୍ବ ଆରମ୍ଭ ହେବ କେବେ... କେବେ ସୃଷ୍ଟି ହେବ ଜନଜାଗରଣର ଉଦ୍ଦୀପ୍ତ ଆହ୍ୱାନ... କଳା ଟଙ୍କାର କୁବେରମାନଙ୍କୁ, ନାରୀ ନିର୍ଯାତକ, ଦୁର୍ଦ୍ଦାନ୍ତ ଦୁଃଶାସନମାନଙ୍କୁ ବାଛନ୍ଦ କରି ରଖିବାର ବେଳ ପହଂଚି ସାରିଛି । କୁରୁ-ଅନ୍ନଭୋଜୀ ତଥାକଥିତ ଦ୍ରୋଣଗୁରୁ, ତଥା ଛଦ୍ମବେଶୀ ବୁଦ୍ଧିଜୀବୀଙ୍କ ମୁହଁରୁ ମୁଖୀ ଖସାଇ ଦେବାର ପାଳି ଆସିଯାଇଛି ।ଏଣୁ ସାଥୀଗଣ ! ସେନାଗଣ !! ସୌଖୀନ୍ ବୈଠକଖାନାରେ ବୌଦ୍ଧିକ ବିତର୍କର ବାତାବରଣ ସୃଷ୍ଟି ନକରି ଆସ ସମ୍ମୁଖ ଭାଗରେ ଅବତୀର୍ଣ୍ଣ ହେବା ।କିତାବୀ ଦର୍ଶନକୁ ଘୋଷି ଉକାଳିବା ନିଶା ଛାଡି ଗାଁ ଗଣ୍ଡା, ବିଲବାଡି, ଖରି ଖାଦାନ, କଳକାରଖାନା, ସହରବଜାରରେ ମେହନତ କରୁଥିବା ମଣିଷଙ୍କ ପାଖରେ ପହଂଚାଇ ଦେବା - କର୍ମ - ତତ୍ତ୍ୱର ସମ୍ମିଶ୍ରିତ ଦର୍ଶନ ।ଆମେ ନିକାଲି ଦେବା ଏ ନକଲି ରାତିର ଜରିଗୁଡା ଜହ୍ନ ଆଉ କାଗଜଫୁଲର କାରୁକାର୍ଯ୍ୟକୁ- ଆମେ ଚିରିଦେବା ନାହିଁ ନାହିଁର ନକ

କେନ୍ଦୁଝର ଜିଲ୍ଲାରେ ଆଳୁ କେଜି ପ୍ରତି ୪୦ରୁ ୫୦ ଟଙ୍କା, ପିଆଜ ୮୦ ଛୁଇଁଲା

କେନ୍ଦୁଝର/ହରିଚନ୍ଦନପୁର/ଘଟଗାଁ,୬।୧୧ (ନି.ପ୍ର): ରାଜ୍ୟର ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଳୁ ପିଆଜର ଅହେତୁକ ଦରବୃଦ୍ଧି ପରିଲକ୍ଷିତ ହୋଇଛି । ଫଳରେ କରୋନା ମହାମାରୀ ପ୍ରଭାବରେ ଚାକିରୀ ଛାଡି ବାହାର ରାଜ୍ୟରୁ ଆସି ଘରେ ହାତ ବାନ୍ଧି ବସି ରହିଥିବା ଲୋକେ, ମଧ୍ୟବିତ ପରିବାରର ଲୋକେ ଓ ଦିନ ମଜୁରିଆ ଶ୍ରେଣୀର ଲୋକେ ବିଶେଷ କରି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦୁଝର ସହରରେ ଆଳୁ କେଜି ୪୦ ଟଙ୍କା ଏବଂ ପିଆଜ କେଜି ପ୍ରତି ୬୫ ଟଙ୍କା ରହିଛି । ସେହିପରି ଝୁମ୍ପୁରା ଅଂଚଳରେ ଆଳୁ କେଜି ପ୍ରତି ୪୦ ଟଙ୍କା ଓ ପିଆଜ ୬୫ ରହିଛି । ତେଲକୋଇ ଅଂଚଳରେ ଆଳୁ କେଜି ପ୍ରତି ୪୨ ଟଙ୍କା ଓ ପିଆଜ କେଜି ପ୍ରତି ୭୫ ଟଙ୍କା ରହିଛି । ସେହିପରି ବଡ଼ବିଲ ସହରରେ ଆଳୁ କେଜି ପ୍ରତି ୪୫ ଟଙ୍କା ଏବଂ ପିଆଜ ୮୦ ଟଙ୍କା ରହିଛି । ଯେଡ଼ାରେ ଆଳୁ କେଜି ପ୍ରତି ୪୦ ଟଙ୍କା ଏବଂ ପିଆଜ ୮୦ ଟଙ୍କା ରହିଛି ।

ଆନନ୍ଦପୁର ମୁଖ୍ୟ ବଜାରରେ ଆଳୁ କେଜି ପ୍ରତି ୪୫ରୁ ୫୦ ଟଙ୍କା ଏବଂ ପିଆଜ କେଜି ପ୍ରତି ୮୦ ଟଙ୍କା ରହିଛି । ଅନୁରୂପ ଭାବେ ଜିଲ୍ଲାର ଘଟଗାଁ ବ୍ଲକରେ ମୁଖ୍ୟତଃ ତିନୋଟି ସାପ୍ତାହିକ ହାଟ ଚାଲିଥିବା ବେଳେ ଆଳୁ କେଜି ପ୍ରତି ୩୫ରୁ ୪୦ ଟଙ୍କା ଏବଂ ପିଆଜ କେଜି ପ୍ରତି ୭୦ରୁ ୮୦ ଟଙ୍କା ରହିଛି । ହରିଚନ୍ଦନପୁର ବ୍ଲକ୍ ଅଂଚଳରେ ରହିଥିବା ହରିଚନ୍ଦନପୁର, ଭଗାମୁଣ୍ଡା, ରେବଣାପଳାସପାଳ, ତମ୍ବାହରା, ବ୍ରାହ୍ମଣୀପାଳ, ଧୋରଡ଼ିଆମ୍ବ, ଗଉଣିଘଷା, ଖଡ଼ିବାହାଳି, ପିଠାଗୋଳା, ମନୋହରପୁର, ଭଅଁରପୁର, ବଡ଼ ପଳାସପାଳ, ଭୁକା, ବରେଇଗୁଡ଼ା, ଜଙ୍ଗିରା, ଦୈତାରୀ ଆଦି ୧୬ଟି ହାଟ ଓ ବଜାରରେ ଆଳୁ କେଜି ପ୍ରତି ୪୦ରୁ ୫୦ ଟଙ୍କା ଏବଂ ପିଆଜ କେଜି ପ୍ରତି ୭୦ରୁ ୮୦ ଟଙ୍କା ରହିଛି ।

ତଟକା ମାଛ ପରିବହନ ପାଇଁ ୫ ଜଣଙ୍କୁ ରିହାତିରେ ଅଟୋ ଏବଂ ବରଫ ବାକ୍ସ ପ୍ରଦାନ

କନ୍ଧମାଳ,୬।୧୧ (ନି.ପ୍ର): ମତ୍ସ୍ୟ ପରିବହନର ସୁଗମତା ନିମନ୍ତେ ଏବଂ ଲୋକଙ୍କ ପାଖରେ ତଟକା ମାଛ ପହଂଚାଇବା ପାଇଁ ରାଜ୍ୟ ସରକାରଙ୍କର ମତ୍ସ୍ୟ ବିପଣନ ସଂଚାର ଯୋଜନା ମାଧ୍ୟମରେ ଅଟୋରିକ୍ସା ସମେତ ବରଫ ବାକ୍ସ ସବସିଡି ରହିଛି । ଏହି ଯୋଜନାରେ ଅନୁସୁଚିତ ଜାତି ଏବଂ ଜନଜାତି ବର୍ଗର ମହିଳା ହୀତାଧିକାରୀ ମାନଙ୍କ ପାଇଁ ୨ ଲକ୍ଷ ଟଙ୍କା ମୁଲ୍ୟର ପ୍ରକଳ୍ପରେ ୬୦ ପ୍ରତିଶତ ସବସିଡି ରହିଥିବା ବେଳେ ସାଧାରଣ ବର୍ଗର ଲୋକଙ୍କ ପାଇଁ ୪୦ ପ୍ରତିଶତ ସବସିଡି ଅଛି । ଆଜି ଏହି ଯୋଜନାରେ କନ୍ଧମାଳ ଜିଲ୍ଲାର ୫ ଜଣ ମାଛ ବିକ୍ରେତା/ମତ୍ସ୍ୟ ଚାଷିଙ୍କୁ ଗୋଟିଏ ଲେଖାଏଁ ଅଟୋରିକ୍ସା ଏବଂ ବରଫ ବାକ୍ସ ରିହାତିରେ ପ୍ରଦାନ କରାଯାଇଛି । ଏହି ଅବସରରେ କନ୍ଧମାଳ ସାଂସଦ ଡ.ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ହୀତାଧିକାରୀ ମାନଙ୍କୁ ଏହା ପ୍ରଦାନ କରିଥିଲେ । ଏହି ଅବସରରେ କନ୍ଧମାଳ ଜିଲ୍ଲାପାଳ ଡା.ବୃନ୍ଦା ଡି ଏବଂ ବାଲିଗୁଡା ଉପ-ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର,ଉପମତ୍ସ୍ୟ ନିର୍ଦ୍ଦେଶକ ଗଞ୍ଜାମ ତଥା କନ୍ଧମାଳ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶିବ ପ୍ରସାଦ ଭୋଇ,ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର,ଖଜରିପଡା ସହକାରୀ ମତ୍ସ୍ୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ,ବାଲିଗୁଡା ସହକାରୀ ମତ୍ସ୍ୟ ଅଧିକାରୀ ସୁରସେନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

କୃଷକ ଶ୍ରମିକଙ୍କ ବିକ୍ଷୋଭ

ପୁରୀ,୬।୧୧ (ନି.ପ୍ର): ଅଲ ଇଣ୍ଡିଆ କିଷାନ ସଂଘର୍ଷ ସମନ୍ୱୟ ସମିତି, ଓଡିଶା ପକ୍ଷରୁ କୃଷିକ୍ଷେତ୍ରରେ କର୍ପୋରେଟ ବ୍ୟବସ୍ଥା ହଟାଇବା ପାଇଁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ୧୨ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଦର୍ଶାଇଛନ୍ତି କେନ୍ଦ୍ର ସରକାର କୃଷକ ବିରୋଧୀ ଆଇନ ପ୍ରତ୍ୟାହାର କରନ୍ତୁ । ଅତ୍ୟାବଶ୍ୟକ ଜିନିଷ ସାଧାରଣ ବଂଟନ ବ୍ୟବସ୍ଥାରେ ଯୋଗାଇ ଦିଆଯାଉ । କୃଷିଜାତ ଦ୍ରବ୍ୟର ବାଣିଜ୍ୟ, ବ୍ୟବସାୟ, ବିତରଣକୁ କର୍ପୋରେଟକରଣ କରାନଯାଉ । କଂଟାକ୍ଟ ଫାର୍ମିଂ ଆଇନ ପ୍ରତ୍ୟାହାର କରାଯାଉ । ଭାଗଚାଷୀକୁ ଚାଷୀର ମାନ୍ୟତା ଓ କୃଷକକୁ ସମସ୍ତ ଋଣ ଏକକାଳୀନ ଛାଡ କରାଯାଉ । ପ୍ରାକୃତିକ ବିପର୍ଯ୍ୟୟ ପରେ କୃଷକକୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ସହିତ କୃଷକମାନଙ୍କୁ ରିହାତି ମୂଲ୍ୟରେ ଡିଜେଲ ଯୋଗାଇ ଦିଆଯାଉ । ମନରେଗା କାମରେ ଶ୍ରମିକକୁ ଦୈନିକ ମଜୁରୀ ୬ଶହ ଟଙ୍କା ଦେବା ସହିତ ସମସ୍ତ ବ୍ୟକ୍ତିଙ୍କର କରୋନା ପରୀକ୍ଷା କରାଯାଉ । କୃଷକ ପରିବାରକୁ ମାସକୁ ୭୫୦୦ ଲେଖାଏଁ ୬ମାସର ଆର୍ଥିକ ପ୍ରୋତ୍ସାହନ ଦିଆଯାଉ । ଏହି ମିଳିତ ବିକ୍ଷୋଭରେ ୧୭ଟି କୃଷକ ସଂଗଠନ ଯୋଗ ଦେଇଥିଲେ । ଏହି ବିକ୍ଷୋଭରେ ଅଲଇଣ୍ଡିଆ କିଷାନ ସଭା, ଅଲଇଣ୍ଡିଆ କିଷାନ ମହାସଭା, କିଷାନ ମଜଦୁର ସଭା ଆଦି ଯୋଗଦାନ କରିଥିଲେ । ପ୍ରଦୀପ୍ତ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ଭୀମସେନ ସ୍ୱାଇଁ, ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ଅଶୋକ ପ୍ରଧାନ, ମୋହନ ନାଇଡୁ, କିଷାନ ପଟ୍ଟନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ ।

ଡ଼ଃ କିଶୋର ମିଶ୍ର ଙ୍କୁ ଜିଲ୍ଲାପାଳଙ୍କ ପ୍ରଶଂସା

କେନ୍ଦ୍ରାପଡ଼ା,୬।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡ଼ଃ କିଶୋର ମୀଶ୍ରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧୁବାଦ ଜଣାଇବା ସହ ପ୍ରଶଂସା କରାଯାଇଛି । ଗୁରୁବାର ଏକ ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା ଡ଼ଃ ମିଶ୍ରଙ୍କ କାର୍ଯ୍ୟଶୈଳୀ ଉଚ୍ଚ ପ୍ରଶଂସା କରିଥିଲେ । କୋଭିଡ-୧୯ ମହାମାରୀ ସମୟରେ ଗତ ଏପ୍ରିଲ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୬ ମାସ କାଳ ଚିକିତ୍ସାଳୟର ଏସ.ଏନ.ସି.ୟୁ ୱାର୍ଡରେ ଭର୍ତ୍ତୀ ହୋଇଥିବା ୩୫୦ ଜଣ ନବଜାତ ଶିଶୁ ମାନଙ୍କୁ ଚିକିତ୍ସା କରିଥିଲେ । ଏହି ସମୟରେ କୌଣସି ଶିଶୁର କିଛି ଅସୁବିଧା ହୋଇ ନଥିଲା କିମ୍ବା କୌଣସି ଶିଶୁ ମୃତ୍ୟୁ ବରଣ କରିନଥିଲେ । କୋଭିଡ ସମୟରେ ଡ଼ଃ ମିଶ୍ରଙ୍କର ଏଭଳି ଚିକିତ୍ସାକୁ ଜିଲ୍ଲାପାଳ ଶ୍ରୀ ବର୍ମା ଉଚ୍ଚ ପ୍ରଶଂସା କରିଛନ୍ତି ।

ଜିଲାପାଳଙ୍କ ଧର୍ମଶାଳା ଗସ୍ତ, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

ଧର୍ମଶାଳା,୬।୧୧ (ନି.ପ୍ର): ଆଜି ଯାଜପୁର ଜିଲାପାଳ ଧର୍ମଶାଳା ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପ୍ରଥମେ ଜିଲାପାଳ ଚକ୍ରବର୍ତୀସିଂ ରାଥୋଡ ଧର୍ମଶାଳା ବ୍ଲକ କଂଟିଗଡିଆସ୍ଥିତ ବଡ ପୋଖରୀର ପୁନଃରୁଦ୍ଧାର ଓ ଏହାର ବିକାଶ ଏବଂ ନେଉଳପୁରସ୍ଥିତ ଧର୍ମଶାଳା ଭବନ ବୁଲି ଦେଖିଲେ । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ,ଧର୍ମଶାଳା ବିଡିଓ ଆଇଏସ ସଚିନ ପାଣ୍ଡାରଙ୍କ ସହ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଥିଲେ ।

ସାମାଜିକ ଗଣମାଧ୍ୟମରେ ଅଶାଳୀନ ମନ୍ତବ୍ୟ, ଥାନାରେ ଏତଲା

କୋରେଇ,୬।୧୧ (ନି.ପ୍ର): ସମଗ୍ର ସମ୍ବାଦିକ ଜାତି ପ୍ରତି ସାମାଜିକ ଗଣମାଧ୍ୟମରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଯୁବକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଓଡିଶା ସମ୍ବାଦିକ ସଂଘ । ଏସୟୁଜେ ରାଜ୍ୟ ସଭାପତି ଅଜୟ କୁମାର ସାହୁ ଓ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହାକୁ ଦୃଢ଼ ନିନ୍ଦା କରାଯିବା ସହ ଅଭିଯୁକ୍ତ ହେମନ୍ତ ଦୀକ୍ଷିତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଥାନାରେ ଏତଲା ଦିଆଯିବାକୁ ନିଷ୍ପତି ହୋଇଛି । ଏହି କ୍ରମରେ ଏସୟୁଜେ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଆବାହକ ସୁବାସ ଧଳଙ୍କ ନେତୃତ୍ୱରେ ପାଣିକୋଇଲି ଥାନାରେ ଅଭିଯୋଗ କରାଯାଇଛି । ଏଥି ସହିତ ଏସପିଙ୍କୁ ସ୍ମାରକ ପତ୍ର ଦିଆଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ।

ଚିକିତ୍ସା ଅବହେଳାରୁ ଛାତ୍ରୀ ମୃତ୍ୟୁ ଅଭିଯୋଗକୁ ନେଇ ପିଆରଏମ ମେଡ଼ିକାଲ ସୁପରିଟେଣ୍ଡେଣ୍ଟଙ୍କୁ ଟଣାଓଟରା ମାମଲା : ଆଜି ପୁଣି ୩ ଅଭିଯୁକ୍ତ କୋର୍ଟ ଚାଲାଣ

ବାରିପଦା,୬।୧୧ (ନି.ପ୍ର): ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲରେ ଗତ ନଭେମ୍ବର ୨ରେ ଚିକିତ୍ସା ଅବହେଳାରୁ ଛାତ୍ରୀ ମୃତ୍ୟୁ ଅଭିଯୋଗକୁ ନେଇ ହସପିଟାଲର ସୁପାରିଟେଣ୍ଡେଣ୍ଟ ବୈକୁଣ୍ଠ ନାଥ ମହାପାତ୍ରଙ୍କୁ ଟଣାଉଟରା ମାମଲା(କେଶ ନଂ ୭୬୧/୨୦୨୦)ରେ ବାରିପଦା ଟାଉନ ଥାନା ପୁଲିସ ଆଜି ପୁଣି ଶୁଳିଆପଦା ଥାନା ବଡ଼ା ଗ୍ରାମର ସୁକୁରା ବିନ୍ଧାଣୀଙ୍କ ବିଧବା ପତ୍ନୀ ପୂର୍ଣ୍ଣିମା ବିନ୍ଧାଣୀ(୪୦) ଓ ପୁତୁଲୁ ଟୁଡୁଙ୍କ ସ୍ତ୍ରୀ ଯଶୋଦା ଟୁଡୁ(୪୨) ଏବଂ ବଡ଼ଭାଲିଆ ଗ୍ରାମର ନାରାୟଣ ବିନ୍ଧାଣୀଙ୍କ ସ୍ତ୍ରୀ ଗେହ୍ଲି ବିନ୍ଧାଣୀ(୨୨) ପ୍ରମୁଖ ୩ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ପୁଲିସ ସୂତ୍ରରୁ ଜଣାପଡ଼ିଛି । ଏଥି ସହିତ ଗେହ୍ଲି ବିନ୍ଧାଣୀଙ୍କ ସହ ତାଙ୍କର ସାଢ଼େ ୩ ବର୍ଷର ନାବାଳିକା ଝିଅ ଜେଲ ରହିବା ନିମନ୍ତେ ଅନୁମତି ଦିଆଯାଇଛି । ଏହାପୂର୍ବରୁ ଗତ ନଭେମ୍ବର ୩ରେ ମୃତ ନାବାଳିକା କଲେଜ ଛାତ୍ରୀଙ୍କ ମା ଲକ୍ଷ୍ମୀ ପାତ୍ର, ଲକ୍ଷ୍ମୀ ବିନ୍ଧାଣୀ, ସୁନି ପାତ୍ରଙ୍କ ସହିତ ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୮ରୁ ନିର୍ମଳ ପ୍ରଧାନ ପ୍ରମୁଖ ୪ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଉକ୍ତ ମାମଲାରେ ଆଜକୁ ମିଶାଇ ମୋଟ ୭ ଜଣ ଗିରଫ ହୋଇଥିବା ସମୟରେ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ସୂଚନା ଯୋଗ୍ୟ ଯେ, ଗତ ଅକ୍ଟୋବର ୩୧ରେ ଶାମାଖୁଂଟା ବ୍ଲକ ରଙ୍ଗାମାଟିଆ ବନଭୂମି ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ବିଭାଗର ଦ୍ୱିତୀୟ ବର୍ଷର ୧୭ ବର୍ଷୀୟା ନାବାଳିକା ଛାତ୍ରୀ ତଥା ସପନଚୁଆ ଗ୍ରାମର ସୁନାରାମ ପାତ୍ରଙ୍କ ଏକମାତ୍ର କନ୍ୟା ସୁପ୍ରିୟା ପାତ୍ର ପୂର୍ବରୁ ରକ୍ତହୀନତା(ଥାଲାସେମିଆ) ରୋଗରେ ପିଡ଼ିତ ଥାଇ ଅସୁସ୍ଥ ହେବାରୁ ତାଙ୍କୁ ଅପରାହ୍ନ ପ୍ରାୟ ଅଢ଼େଇଟା ସମୟରେ ମେଡ଼ିକାଲ କଲେଜ ଓ ହସପିଟାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ବାପା ସୁନାରାମଙ୍କ କହିବା ଅନୁସାରେ ଝିଅ ସୁପ୍ରିୟାଙ୍କ ରକ୍ତରେ ୪.୬ ହିମୋଗ୍ଲୋବିନ ରହିଥିଲା । ପୂର୍ବରୁ ସୁପ୍ରିୟାକୁ ଅନେକ ଥର ମେଡ଼ିକାଲକୁ ଆଣି ରକ୍ତ ଦେଇ ଥିବା ବେଳେ ପ୍ରାୟ ୭/୮ ମାସ ହେବ ରକ୍ତ ଦେବାକୁ ଆସି ପାରିନଥିଲେ । ଏହି ସମୟରେ ନଭେମ୍ବର ୩୧ରେ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ମେଡ଼ିକାଲରେ ଭର୍ତ୍ତି କରାଇଥିଲେ ; ମାତ୍ର ଚିକିତ୍ସା କରୁଥିବା ଡ଼ାକ୍ତର ରକ୍ତ ଦେବାର କୌଣସି ବ୍ୟବସ୍ଥା ନ କରିବା ଫଳରେ ଚିକିତ୍ସାଧୀନ ଅବସ୍ଥାରେ ନଭେମ୍ବର ୨ ସକାଳ ୭.୧୫ରେ ନର୍ସ ଆସି ଏକ ଇଞ୍ଜେକସନ ଦେଉଥିବା ସମୟରେ ସୁପ୍ରିୟାର ମୃତ୍ୟୁ ହୋଇଥିଲା । ଯଦି ସୁପ୍ରିୟାକୁ ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥାନ୍ତା ତେବେ ତାଙ୍କର ଏକମାତ୍ର ସନ୍ତାନର ମୃତ୍ୟୁ ହୋଇ ନ ଥାନ୍ତା ବୋଲି ବାପା ସୁନାରାମ ପାତ୍ର, ମା ଲକ୍ଷ୍ମୀ ପାତ୍ର ଓ ଜେଜେ ଗୋସେଇଁ ପାତ୍ର ପ୍ରମୁଖ ଅଭିଯୋଗ ଆଣି ମେଡ଼ିକାଲର ମୁଖ୍ୟ ଫାଟକ ସମ୍ମୁଖରେ ଶବ ରଖି ଉପଯୁକ୍ତ କ୍ଷତି ପୂରଣ ଓ ଚିକିତ୍ସାରେ ଅବହେଳା କରିଥିବା ମେଡ଼ିକାଲ କର୍ମଚାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରିଥିଲେ ଓ ଏହାକୁ ସମର୍ଥନ ଦେଇଥିଲା ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ । ଏହାପରେ ମଧ୍ୟାହ୍ନ ସମୟରେ ମେଡ଼ିକାଲ ସୁପାରିଟେଣ୍ଡେଣ୍ଟ ବୈକୁଣ୍ଠ ନାଥ ମହାପାତ୍ର ମେଡ଼ିକାଲ ମ୍ୟାନେଜରଙ୍କ କୋଠରୀରେ ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା ଆରମ୍ଭ କରିଥିବା ସମୟରେ ଉତ୍ୟକ୍ତ ଲୋକେ ଭଙ୍ଗାରୁଜା କରିବା ସହ ସୁପାରିଟେଣ୍ଡେଣ୍ଟଙ୍କ କଲର ଧରି ଟଣାଓଟରା କରି ଶବ ନିକଟକୁ ନେଇ ଆସିଥିଲେ । ଏହି ଘଟଣାକୁ ନେଇ ଉଭୟଙ୍କ ପକ୍ଷରୁ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ ପରେ ଥାନାରେ ପୃଥକ ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

ଭୁବନ ଏନଏସି ନିର୍ବାହୀ ଅଧିକାରୀ ସ୍ୱର୍ଗତ ପ୍ରମୋଦ ବରାଳ ଙ୍କ ସ୍ମୃତିଚାରଣ

ଭୁବନ,୬।୧୧ (ନି.ପ୍ର): ଭୁବନ ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ଙ୍କର ଗତ ୨୫ ତାରିଖ ସକାଳେ ହୃଦଘାତରେ ପରଲୋକ ହୋଇଯାଇଥିବା ବେଳେ ଆଜି ଦ୍ୱାଦଶାହ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଭୁବନ ଏନଏସି ତରଫରୁ କନିଷ୍ଠଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ ଙ୍କ ସମେତ କର୍ମଚାରୀ କୋଦଣ୍ଡଧର ପୋଥାଳ,ରବୀନ୍ଦ୍ର ବେହେରା,ହଳଧର ଦେହୁରୀ,ଗୁଣନିଧି ପାତ୍ର,ମିଟି ନାୟକ,ଦୁଷ୍ମନ୍ତ ନାୟକ,ସୁଶୀଲ ପାତ୍ର ପ୍ରମୁଖ ସ୍ୱର୍ଗତ ବରାଳ ଙ୍କ ପୈତୃକ ଘର କଟକ ଜିଲ୍ଲା ଅସୁରେଶ୍ୱର ନିକଟସ୍ଥ କୁସୁନୁପୁର ଗ୍ରାମରେ ପହଁଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଅମରଆତ୍ମାର ସଦଗତି କାମନାର୍ଥେ ଦୁଇମିନିଟ ନୀରବ ପ୍ରାର୍ଥନା କରିଥିଲେ । ପରେ ଅନୁଷ୍ଠିତ ସ୍ମୃତିଚାରଣ ସଭା ରେ ସ୍ୱର୍ଗତ ବରାଳ ଦକ୍ଷତାର ସହ କୋଭିଡ-୧୯ ପରିଚାଳନା କରି ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହେବା ସହ ଜଣେ ମେଳାପି, କର୍ତବ୍ୟନିଷ୍ଠ ଓ ଲୋକପ୍ରିୟ ଅଫିସର ଭାବେ ଭୁବନରେ ପରିଚିତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ ।

ଅସହାୟ ନାବାଳିକାର ଆଶୁ ଆରୋଗ୍ୟ କାମନା କରି ଦ୍ୱୀପଦାନ

କେନ୍ଦ୍ରାପଡ଼ା,୬।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅଧିନ ଗଗୁଆ ପଂଚାୟତର ବଳିଗଣ୍ଡ ଗ୍ରାମର ଅସହାୟ ପରିବାର ର ନାବାଳିକା ଅଞ୍ଜଳି ନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ମହାପ୍ରଭୁ ବଳଦେବଜୀୟୁଙ୍କ ସିଂହଦ୍ୱାରା ରେ ଦ୍ୱୀପଦାନ କରାଯାଇଛି । ଅସହାୟ ପରିବାର ର ଏହି ଝିଅଟିର ବେକ ଓ ପେଟରେ ଟ୍ୟୁମର ରୋଗରେ ପିଡିତ ଥାଇ ଅସ୍ତ୍ରପ୍ରଚାର କରାଯାଇ ଥିବାରୁ ତାର ଆଶୁ ଆରୋଗ୍ୟ କାମନା କରି ତୁଳସୀକ୍ଷେତ୍ର ଚାରି ଟେବୁଲ ଟ୍ରଷ୍ଟ ପକ୍ଷରୁ ଦ୍ୱୀପଦାନ କରାଯାଇଛି । ଏହି ଦ୍ୱୀପଦାନ ସମୟରେ ଟ୍ରଷ୍ଟର ସଭାପତି ଗୌତମ ସାହୁ, ଅକ୍ଷୟ ପାତ୍ର, ବିଚିତ୍ର ବେହେରା, ବାପି ଗୋଛାୟତ, ପ୍ରତୀକ ଅନୁରାଗ ଦାସ, ସଦାନନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଯାଜପୁରରେ ନିୟମ ଉଲ୍ଲଂଘନକୁ ନେଇ ୨୪ ଘଂଟାରେ ଆଦାୟ ହେଲା ୨୨୭ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୬।୧୧ (ନି.ପ୍ର): ଯାଜପୁର ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିବା, ବାହାରେ ଛେପ ପକାଇବା ସାମାଜିକ ଦୂରତ୍ୱ ନ ମାନିବା ଓ ଯାନବାହନ ଆଇନ ଉଲ୍ଲଂଘନକୁ ନେଇ ମୋଟ ୨୨୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏମାନଙ୍କ ଠାରୁ ୧,୧୩,୫୦୦ ଟଙ୍କାର ଜୋରିମାନା ଆଦାୟ କରା ଯାଇଥିବା ନେଇ ଯାଜପୁର ପୋଲିସ ପକ୍ଷରୁ ସୂଚନା ଦିଆ ଯାଇଛି ।

ପୃଥକ୍ ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ଦୁଇ ମୃତ

ସୁନ୍ଦରଗଡ଼/ବାରିପଦା,୬।୧୧ (ନି.ପ୍ର): ରାଜ୍ୟର ପୃଥକ୍ ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ଼ ଜିଲ୍ଲା ବଣାଇ ବାଙ୍କୀ ରେଞ୍ଜ୍ ଅନ୍ତର୍ଗତ କୁଚେଇତା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସମ୍ପୃକ୍ତ ବ୍ୟକ୍ତି ଧାନ ଜଗିବାକୁ କ୍ଷେତକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ସେହିପରି ରାଇରଙ୍ଗପୁର ମଣ୍ଡଦା ରେଞ୍ଜ୍ ଆହ୍ଲାପାଣି ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ବୃଦ୍ଧ ଜଣକ ଜଙ୍ଗଲକୁ ଝୁଣା ସଂଗ୍ରହ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡିଯାଇଥିଲେ ।

ଭୂଜାଲି ମୁନରେ ପରିବା ଗୋଦାମ ବ୍ୟବସାୟୀଙ୍କଠାରୁ ୫.୮୭ ଲକ୍ଷ ଟଙ୍କା ଲୁଟ

ଗୋଟାଏ ତେଲେଙ୍ଗାନା କୁକୁରୀ ସହ ୨ ଅଭିଯୁକ୍ତ ଗିରଫ, ୫.୭୫ ଲକ୍ଷ ଟଙ୍କା ଉଦ୍ଧାର

ବାରିପଦା,୬।୧୧ (ନି.ପ୍ର): ବାରିପଦା କଚେରୀ ପରିବା ମାର୍କେଟରେ ଆଜ

ବରିଷ୍ଠ ଆଇନଜୀବୀ ନିରଂଜନ ପଣ୍ଡାଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୬।୧୧ (ନି.ପ୍ର): ଦୀର୍ଘବର୍ଷ ଧରି ବାଲେଶ୍ୱର ବାର ଆସୋସିଏସନର ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ବିଶିଷ୍ଟ ଆଇନଜୀବୀ ନିରଂଜନ ପଣ୍ଡା ଆଜି ଇହଧାମ ପରିତ୍ୟାଗ କରିଛନ୍ତି। କିଛିଦିନ ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇ ଆପୋଲ ହସପିଟାଲରେ ଚିକିତ୍ସା ପରେ ସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଗୃହରେ ଅବସ୍ଥାନ କରୁଥିଲେ। ତେବେ ଗତକାଲି ରାତିରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ କିମ୍ସ ହସପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳ ପ୍ରାୟ ୬ଟାରେ ତାଙ୍କର ଦେହାନ୍ତ ହୋଇଯାଇଛି। ଭୁବନେଶ୍ୱରରୁ ମୃତଶରୀର ଅପରାହ୍ନରେ ବାଲେଶ୍ୱରରେ ପହଞ୍ଚିବା ପରେ ପଥମେ ମାନସିଂବଜାରସ୍ଥିତ ବାସଭବନକୁ ନିଆଯାଇଥିଲା। ପରେ ଏକ ସୁସଜ୍ଜିତ ଗାଡ଼ିରେ ବାଲେଶ୍ୱରର କୋର୍ଟ ପରିସରକୁ ନିଆଯାଇଥିଲା। ଜିଲ୍ଲଜଜ୍‌ଙ୍କ ସମେତ ଅନ୍ୟାନ୍ୟ ଜଜ୍ ଓ ବିଚାର ବିଭାଗର ଅଧିକାରୀ ଏବଂ ବାର ଆସୋସିଏସନର କର୍ମକର୍ତ୍ତା, ସଦସ୍ୟ ସଦସ୍ୟା ତଥା ବହୁ ବରିଷ୍ଠ ଆଇନଜୀବୀ ଶେଷ ଦର୍ଶନ କରିବା ସହିତ ଦିବଂଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ତାଙ୍କର ମୃତଶରୀରକୁ ଏକ ଶୋଭାଯାତ୍ରାରେ ବାଲିଘାଟସ୍ଥିତ ଶ୍ମଶାନକୁ ନିଆଯାଇଥିଲା। ବାର ଆସୋସିଏସନର ପୂର୍ବତନ ସମ୍ପାଦକ ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ, ସମିତ୍ ନନ୍ଦୀ, ସରୋଜ କୁମାର ମହାପାତ୍ର, ସୁଲଳିତ କର, ପିନାକୀ ଧିର, ଅମର କୁମାର ଭଞ୍ଜ, ହରେକୃଷ୍ଣ ପଟ୍ଟାୟତ, ସନ୍ତୋଷ କୁମାର ସାହାଣୀ, ଗିରୀଶ ଦାସ, ଦୁର୍ଗାମାଧବ ମହାପାତ୍ର, ଲିଙ୍ଗରାଜ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଶୋଭାଯାତ୍ରାରେ ବାଲିଘାଟ ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ୧୯୫୨ ମସିହାରେ ଜନ୍ମଗ୍ରହଣ କରିଥିବା ବେଳେ ସ୍ନାତକରେ ଉତ୍ତୀର୍ଣ୍ଣ ହୋଇ ସେ ମଧୁସୂଦନ ଆଇନ ମହବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରୁ ଉତ୍ତୀର୍ଣ୍ଣ ହୋଇ ବାଲେଶ୍ୱରରେ ଆଇନ୍ ବୃତ୍ତିକୁ ଆପଣେଇ ନେଇଥିଲେ। ନିଜର ଅମାୟିକ ବ୍ୟବହାର ଓ ଲୋକପ୍ରିୟତା ପାଇଁ ସେ ୧୯୯୨ ମସିହାରୁ ୯ ଥର ଲଗାତର ଜିଲ୍ଲା ବାର ଆସୋସିଏସନର ସଭାପତି ରହି ଆସିଥିବା ବେଳେ ୪ଥର ରାଜ୍ୟ ବାର କାଉନସିଲର ସଭ୍ୟ ସମେତ ବାରକାଉନସିଲ ଶୃଙ୍ଖଳା କମିଟି ଚେୟାରମ୍ୟାନ୍, ବାର କାଉନସିଲ ଉପାଧ୍ୟକ୍ଷ ପଦବୀରେ ସେ ନିର୍ବାଚିତ ହୋଇଥିଲେ। ଜଣେ ମେଳାପୀ, ଦରଦୀ, ମିଷ୍ଟଭାଷୀ ତଥା ପରୋପକାରୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ଦେହାନ୍ତ ବାଲେଶ୍ୱରବାସୀଙ୍କ ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।

ଭଦ୍ରକ ଜିଲ୍ଲାସ୍ତରୀୟ ଧାନକ୍ରୟ କମିଟି (ଡ଼ିଏଲପିସି) ବୈଠକ ଅନୁଷ୍ଠିତ

ଭଦ୍ରକ,୬।୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ଗ୍ରାମ୍ୟଉନ୍ନୟତ ସମ୍ମିଳନୀ ସଭାଗୃହ ପରିସରରେ ଭଦ୍ରକ ଜିଲ୍ଲାରେ ଚଳିତବର୍ଷ ୨୦୨୦-୨୧ ଖରିଫ ଋତୁରେ ଧାନକ୍ରୟ ନିମନ୍ତେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପରିଷଦର ସଭାପତି ଦ୍ୱିଜବର ରାଉତ,ସାଂସଦଙ୍କ ପ୍ରତିନିଧି ତଥା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଚାନ୍ଦବାଲିର ବିଧାୟକ ବ୍ୟୋମକେଶ ରାୟ, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଭଦ୍ରକର ବିଧାୟକ ସଂଜୀବ କୁମାର ମଲ୍ଲିକ୍, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପିତାମ୍ବର ସାମଲ, ମିଲର ସଂଘ ପକ୍ଷରୁ ସଭାପତି ରାଜକିଶୋର ଅଗ୍ରୱାଲ, ସଂପାଦକ ଶେଖର ମହାପାତ୍ର, ସମେତ ସମବାୟ ବ୍ୟାଙ୍କର କର୍ମଚାରୀ ଓ ବିଭାଗୀୟ ଅଧିକାରୀମାନେ ଧାନ ସଂଗ୍ରହ ବୈଠକ ଅଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଚଳିତବର୍ଷ ଖରିଫ ଋତୁରେ ଚାଷୀ ଯେପରି ନିଜର ଉତ୍ପାଦିତ ଧାନକୁ ଠିକ୍‌ଭାବରେ ବିକ୍ରୀ କରିପାରିବେ ଓ ଅଭାବୀ ବିକ୍ରୀର ସମ୍ମୁଖୀନ ନହେବେ, ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଡ. ଦାସ କହିଥିଲେ। ପ୍ରାରମ୍ଭରେ ଜିଲ୍ଲା ଯୋଗାଣ ଅଧିକାରୀ ରଂଜନ ସେଠ୍ ଚଳିତ ବର୍ଷ ୯୭ଟି ପ୍ୟାକ୍ସ ଜରିଆରେ ଧାନ ସଂଗ୍ରହ କରାଯିବ। ସେହିପରି ମହାସଂଘ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମିଶି ୫୬ଜଣଙ୍କ ଜରିଆରେ ଏବଂ ପିପାସ ଜରିଆରେ ଧାନ ସଂଗ୍ରହ କରାଯିବ। ଚଳିତବର୍ଷ ଗ୍ରେଡ଼ (ଏ) ଏଫ୍. ଏ. କ୍ୟୁ. (ସାଧାରଣ) ଧାନର କୁଇଣ୍ଟାଲ ମୂଲ୍ୟପ୍ରତି ୧୮୬୮ ଥିଲା ବେଳେ ଗ୍ରେଡ (ଏ) ଏଫ୍.ଏ. କ୍ୟୁ. ଧାନର କୁଇଣ୍ଟାଲ ପ୍ରତି ମୂଲ୍ୟ ୧୮୮୮ ଟଙ୍କାରହିଛି। ଏହି ବର୍ଷ ଧାନବିକ୍ରୀ ପାଇଁ ଜିଲ୍ଲାର ୬୯ ହଜାର୬୫୨ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ନିଜର ନାମ ପଞ୍ଜିକରଣ କରିଛନ୍ତି। ଚଳିତବର୍ଷ ଜିଲ୍ଲାରେ ଧାନକିଣା ଡିସେମ୍ବର ୨୦ରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୩୧ସୁଦ୍ଧା ଧାନକିଣା ଶେଷ ହେବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ସେଠ୍ ବୈଠକରେ ସୂଚନା ଦେଇଥିଲେ। ପ୍ୟାକ୍ସ ଜରିଆରେ ଧାନସଂଗ୍ରହ କରାଯିବ ଓ ପ୍ରତ୍ୟେକ ପ୍ୟାକ୍ସ କେନ୍ଦ୍ର ନିକଟରେ ଧାନ କିଣାର ସୂଚନା ପତ୍ର ଲଗାଯିବ ଏବଂ ଲିଫ୍‌ଲେଟ୍ ଓ ପ୍ରଚାର ଜରିଆରେ ଚାଷୀମାନଙ୍କୁ ଧାନକିଣା ଉପରେ ସଚେତନତା କରାଯିବ। ୨୦୨୦-୨୧ ବର୍ଷରେ ଜିଲ୍ଲାରେ ୧ ଲକ୍ଷ ମେଟ୍ରିକ ଟନ ଚାଉଳ ନିମନ୍ତେ ୧ଲକ୍ଷ ୪୭ହଜାର ୦୫୮ ମେଟ୍ରିକଟନ ଧାନ ସଂଗ୍ରହ ପ୍ରଥମ ପର୍ଯ୍ୟାୟରେ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଚଳିତବର୍ଷ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଚାଷୀମାନଙ୍କ ଠାରୁ ଗୁଣାତ୍ମକ ବା ଠିକ୍ ଧାନକିଣା ଯାଇ ଚାଷୀଙ୍କୁ ଉଚିତ୍ ପ୍ରାପ୍ୟର ମୂଲ୍ୟ ଦିଆଯିବ ବୋଲି ବୈଠକରେ ଜିଲ୍ଲାପାଳ କହିଥିଲେ। ପ୍ରତ୍ୟେକ ସମବାୟ ସମିତି ଜରିଆରେ ଚାଷୀମାନଙ୍କୁ ଧାନକିଣା ଉପରେ ସଚେତନତା କରାଯିବାକୁ ବିଧାୟକମାନେ କହିଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଧାନବିକ୍ରୀ କରି ଚାଷୀଙ୍କୁ ତାର ଦେୟ ୨୪ରୁ ୪୮ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତା ଜରିଆରେ ପୈଠ କରାଯିବ। ଚାଷୀଙ୍କ ସ୍ୱାର୍ଥପ୍ରତି ଦୃଷ୍ଟି ଦେବା ସହ ଚାଷୀ ଯେପରି ତାହାର ଉତ୍ପାଦିତ ଫସଲର ଉପଯୁକ୍ତ ପ୍ରାପ୍ୟ ପାଆନ୍ତି, ସେଥି ପ୍ରତି ବିଭାଗୀୟ ଅଧିକାରୀମାନେ ଯତ୍ନଶୀଳ ହେବାକୁ ବିଧାୟକମାନେ କହିଥିଲେ। ଚଳିତ ବର୍ଷ ଜିଲ୍ଲାରେ ଥିବା ସମସ୍ତ ମିଲରଙ୍କୁ ଧାନ କିଣିବା ନିମନ୍ତେ ପ୍ରାଥମିକତା ଦିଆଯିବ। ସେଥିରେ ମିଲରମାନେ ଖିଲାପ କଲେ ବାହାର ମିଲରଙ୍କୁ ସୁଯୋଗ ଦିଆଯିବ। ଧାନ କ୍ରୟ ସମୟରେ ଜିଲ୍ଲାର ଅଧିକାରୀମାନେ ବିଭିନ୍ନ ପାକ୍ସକୁ ଯାଇ ଏହାର ତଦାରଖ କରିବେ। ସେଥିରେ ଅନିୟମିତତା ପରିଲକ୍ଷିତ ହେଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ରବି ଋତୁ ପାଇଁ ଭଦ୍ରକ ଜିଲ୍ଲାକୁ ପ୍ରକ୍ୟୁରମେଣ୍ଟରୁ ବାଦ୍ ଦିଆଯିବା ନେଇ ବିଧାୟକମାନେ ଉଦ୍‌ବେଗ ପ୍ରକଟ କରିଥିଲେ। ଏ ନେଇ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯିବା ସହ ଆଗାମୀ ରବି ଋତୁରେ ପ୍ରକ୍ୟୁରମେଣ୍ଟ ତାଲିକାରେ ଭଦ୍ରକ ଜିଲ୍ଲାକୁ ସାମିଲ କରାଯିବାକୁ ଏକ ପ୍ରସ୍ତାବ ବୈଠକରେ ଗୃହୀତ ହୋଇଥିଲା।

ଆଇନଜୀବୀ ନିରଂଜନ ପଣ୍ଡାଙ୍କ ବିୟୋଗରେ 'ମୋନା'ର ଶୋକ

ବାଲେଶ୍ୱର,୬।୧୧ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା'ର ଆଜୀବନ ସଦସ୍ୟ ତଥା ବାଲେଶ୍ୱର ବାର୍ କାଉନସିଲର ସଭାପତି ବରିଷ୍ଠ ଆଇନ୍‌ଜୀବୀ ନିରଞ୍ଜନ ପଣ୍ଡାଙ୍କ ବିୟୋଗରେ ସଂଗଠନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ବାଲେଶ୍ୱର ବାରକାଉନସିଲର ସଭାପତି ଭାବେ ସ୍ୱର୍ଗତ ପଣ୍ଡାଙ୍କର ବହୁ ଅବଦାନ ରହିଛି। ସେ ନିଶା ନିବାରଣ କ୍ଷେତ୍ରରେ ମଧ୍ୟ ବିଭିନ୍ନ ସମୟରେ ଅନେକ ସହାୟତା ପ୍ରଦାନ କରିଥିଲେ। ତାଙ୍କର ମୃତ୍ୟୁ ବାଲେଶ୍ୱର ତଥା ସମଗ୍ର ଓଡ଼ିଶାରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି କରିଛି। ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ 'ମୋନା'ର ସଭାପତି, ସାଧାରଣ ସଂପାଦିକାଙ୍କ ସମେତ କର୍ମକର୍ତ୍ତା ଓ ସଦସ୍ୟମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ଆଜି ଚିହ୍ନଟ ହେଲେ ଆଉ ନୂଆ ୧୯ ଆକ୍ରାନ୍ତ, ୩ ମୃତ

ଭଦ୍ରକ,୬।୧୧: ଭଦ୍ରକ ଜିଲ୍ଲାରୁ ଚିହ୍ନଟ ଆଜି ଆଉ ନୂଆ ୧୯ଜଣ କରୋନା ଆକ୍ରାନ୍ତ। ଏହି ଆକ୍ରାନ୍ତମାନଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତ ହୋଇଛନ୍ତି ୬ହଜାର ୮୯୨ଜଣ। ସେଥି ମଧ୍ୟରୁ ସୁସ୍ଥ ହୋଇ ସାରିଛନ୍ତି ୬ ହଜାର ୬୩୨ଜଣ। ଅନ୍ୟ ପକ୍ଷରେ ଜିଲ୍ଲାରେ ଆଉ ୩ଜଣ କୋବିଡ଼ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଫଳରେ ଜିଲ୍ଲାର ମୋଟ ମୃତକଙ୍କ ସଂଖ୍ୟା ୨୦ରେ ପହଞ୍ଚିଛି। ସେହିଭଳି ଏବେ ଜିଲ୍ଲାରେ ଆଉ ୨୪୦ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ଏମାନେ ବିଭିନ୍ନ କୋବିଡ ହସ୍‌ପିଟାଲ ଓ ହୋମ୍ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ତେବେ ଆଜି ସୁଦ୍ଧା ଜିଲ୍ଲାରୁ ମୋଟ ୧ଲକ୍ଷ ୩୪ ହଜାର ୩୧୩ ଜଣଙ୍କ ନମୁନା ପରୀକ୍ଷା କରାଯାଇଛି। ଚିହ୍ନଟ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୪ଜଣ। ସେମାନେ ହେଲେ ସୁଗୋ, ସାନକୃଷ୍ଣପୁର, ଗୁଆଗଡି ଓ ବାଲିମେଦ ପଞ୍ଚାୟତର ଜଣେ ଜଣେ, ବାସୁଦେବପୁର ପୌରପାଳିକାର ମନ୍ଦାରୀ ଅଞ୍ଚଳରୁ ଜଣେ, ଭଦ୍ରକ ବ୍ଲକର ଏରେଇଁ ପଞ୍ଚାୟତରୁ ଜଣେ, କୋରକୋରା ପଞ୍ଚାୟତରୁ ୨ଜଣ, ଗେଲପୁର ପଞ୍ଚାୟତରୁ ଜଣେ, ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡରୁ ଜଣେ, ଚାନ୍ଦବାଲି ଏନ୍‌ଏସିର ଜୟନଗର ଅଞ୍ଚଳରୁ ୬ଜଣ, ତିହିଡି ବ୍ଲକର ଅଚକ ପଞ୍ଚାୟତରୁ ଜଣେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଓ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଜଣେ ବ୍ୟକ୍ତି ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଏଲ୍‌ଏନ୍‌ଜି ବ୍ୟବହାର ବଢିଲେ...

ଉପଭୋକ୍ତା ରାଷ୍ଟ୍ର ଭାବରେ ଉଭା ହୋଇପାରିଛି । ବିଶ୍ୱରେ ଅଧିକ ଉର୍ଜା ବ୍ୟବହାର କରିଥିବା କ୍ଷେତ୍ରରେ ଭାରତରେ ଉର୍ଜା ଉପଭୋକ୍ତା ଏବଂ ଉର୍ଜା ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଦେଶର ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ବିଜେଡିର ପ୍ରାଥମିକ...

ନିର୍ଦ୍ଦେଶ କ୍ରମେ ସେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଦାୟିତ୍ୱ ତୁଲାଇବାରେ ସେ କେବେ ବି ଅବହେଳା କରିନଥିଲେ। ଏହା ସତ୍ତ୍ୱେ ବିନା କାରଣରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ନିଲମ୍ବିତ କରାଯିବା ଘଟଣା ତାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଏମିତିକି ତାଙ୍କୁ ପକ୍ଷ ରଖିବାକୁ ସୁଯୋଗ ଦିଆ ନଯିବା ଓ ଦଳୀୟ ନେତୃମଣ୍ଡଳୀଙ୍କ ଲାଞ୍ଛନାରୁ ମୁକ୍ତ କରିଥିବା କାରଣରୁ ସେ ବିଜେଡି ସଭାପତିଙ୍କୁ ଧନ୍ୟବାଦ ଦେଇଛନ୍ତି ବୋଲି ଶ୍ରୀ ଦାଶ କହିଛନ୍ତି। ତେବେ ଆଗାମୀ ଦିନରେ କେଉଁ ଦଳକୁ ଯିବେ ଅଦ୍ୟାବଧି କୌଣସି ନିଷ୍ପତି ଗ୍ରହଣ କରି ନାହାନ୍ତି ବୋଲି ସେ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି।

ରାଜ୍ୟରେ ଆଉ ୧୫...

ଭୁବନେଶ୍ୱରର ଜଣେ ୫୪ ବର୍ଷୀୟ କରୋନା ଆକ୍ରାନ୍ତ ମହିଳା ମୃତ୍ୟୁବରଣ କରିଛନ୍ତି । ଖୋର୍ଧା ଜିଲ୍ଲାର ଜଣେ ୩୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ମାଲକାନଗିରି ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ବଲାଙ୍ଗୀର ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୭୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଜଣେ ୫୧ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ମୟୂରଭଂଜ ଜିଲ୍ଲାର ଜଣେ ୫୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ମୟୂରଭଂଜ ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାରେ ୬୧ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ସମ୍ବଲପୁର ଜିଲ୍ଲାର ଜଣେ ୪୬ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ବରଗଡ ଜିଲ୍ଲାର ଜଣେ ୬୭ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ବରଗଡ ଜିଲ୍ଲାର ଜଣେ ୭୨ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

ରାଜଧାନୀରେ...

ଯେହେତୁ ସଂକ୍ରମଣ ହାର ବଢୁଛି। ସ୍ଥିତିର ସମୀକ୍ଷା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାରେ ମନ୍ଦିର ଖୋଲିବା ସହ ସେବାୟତମାନଙ୍କୁ ସହାୟତା ପ୍ରଦାନ କରିବା ଦାବି ରେ ଭୁବନେଶ୍ୱରସ୍ଥିତ ରାମମନ୍ଦିର ସମ୍ମୁଖରେ ଓଡ଼ିଶା ସେବାୟତ ସଂଘ ପକ୍ଷରୁ ଘଂଟ ବାଡ଼େଇ ଶଙ୍ଖ ଫୁଙ୍କି ଅଭିନବ ଉପାୟରେ ଆନ୍ଦୋଳନ କରାଯାଇଛି। ଅନଲକ୍ ପରେ ଅନ୍ୟାନ୍ୟ ସଂସ୍ଥା ଖୋଲିଥିବା ବେଳେ ଏ ପର୍ଯ୍ୟନ୍ତ ମନ୍ଦିର ନ ଖୋଲିବାରୁ ପ୍ରତିବାଦ କରିଛନ୍ତି ସେବାୟତ।

ରାଜ୍ୟରେ ବିଭିନ୍ନ...

୭,୧୬୯. ବୌଦ୍ଧ ଜିଲ୍ଲାରେ ୨,୬୩୦, କଟକ ଜିଲ୍ଲାରେ ୨୬,୫୨୪, ଦେବଗଡ ଜିଲ୍ଲାରେ ୧,୦୯୬, ଢେଙ୍କାନାଳ ଜିଲ୍ଲାରେ ୫,୨୬୮. ଗଜପତି ଜିଲ୍ଲାରେ ୩,୮୮୦, ଗଂଜାମ ଜିଲ୍ଲାରେ ୨୧,୩୪୨, ଜଗତସିଂହପୁର ଜିଲ୍ଲାରେ ୭,୯୨୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୧୧,୦୬୮, ଝାରସୁଗୁଡା ଜିଲ୍ଲାରେ ୬,୫୭୬ , କଳାହାଣ୍ଡି ଜିଲ୍ଲାରେ ୫,୪୦୨, କନ୍ଧମାଳ ୫,୭୩୭, କେନ୍ଦ୍ରାପଡା ଜିଲ୍ଲାରେ ୭,୯୧୮ , କେନ୍ଦୁଝର ଜିଲ୍ଲାରେ ୬,୬୬୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୭,୫୨୦, ମାଲକାନଗିରି ଜିଲ୍ଲାରେ ୫,୦୦୧, ମୟୂରଭଂଜ ଜିଲ୍ଲାରେ ୧୧,୮୨୯. ନବରଙ୍ଗପୁର ଜିଲ୍ଲାରେ ୫,୪୩୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୬,୧୪୫ , ନୂଆପଡା ଜିଲ୍ଲାରେ ୬,୦୦୪, ପୁରୀ ଜିଲ୍ଲାରେ ୧୨,୮୫୭ ରାୟଗଡା ଜିଲ୍ଲାରେ ୮,୧୫୧. ସମ୍ବଲପୁର ଜିଲ୍ଲାରେ ୮,୧୮୨. ସୁବର୍ଣ୍ଣପୁର ଜିଲ୍ଲାରେ ୪,୫୧୮ ଓ ସୁନ୍ଦରଗଡ ଜିଲ୍ଲାରେ ୧୧,୫୮୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭,୬୫୪ ହୋଇଛି ।

୨୪ ଘଂଟାରେ...

ସେହିପରି କଳାହାଣ୍ଡି, ନୂଆପଡ଼ା ଜିଲ୍ଲାରୁ ୪୮ ଜଣ ଲେଖାଏଁ, ପୁରୀ ଜିଲ୍ଲାରୁ ୪୭ ଜଣ, ନବରଂଗପୁର ଜିଲ୍ଲାରୁ ୪୨ ଜଣ, ବରଗଡ଼ ଜିଲ୍ଲାରୁ ୩୯ ଜଣ, ନୟାଗଡ଼ ଜିଲ୍ଲାରୁ ୩୩ ଜଣ, ଢେଙ୍କାନାଳ, ଗଂଜାମ, ଝାରସୁଗୁଡ଼ା ଜିଲ୍ଲାରୁ ୩୨ ଜଣ ଲେଖାଏଁ, ସମ୍ବଲପୁର ଜିଲ୍ଲାରୁ ୨୯ ଜଣ, ଭଦ୍ରକ ଜିଲ୍ଲାରୁ ୨୫ ଜଣ, ଯାଜପୁର ଜିଲ୍ଲାରୁ ୨୨ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୧୮ ଜଣ, ବୌଦ୍ଧ ଜିଲ୍ଲାରୁ ୧୭ ଜଣ, ଦେବଗଡ଼ ଜିଲ୍ଲାରୁ ୧୩ ଜଣ, କନ୍

ଶନିବାର,୭ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ପଂଚଦଶ ମୃତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀ ଉଦ୍‌ଘାଟିତ

ଭୁବନେନେଶ୍ୱର,୬।୧୧ (ନି.ପ୍ର): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଆଜି ସନ୍ଧ୍ୟା ୬ ଘଟିକା ସମୟରେ ଭର୍ଚୁଆଲ ମୋଡ୍‌ରେ ପଂଚଦଶ ମୃତିକା ହସ୍ତଶିଳ୍ପ (ଟେରାକୋଟା) ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ କରିଛନ୍ତି । ଆମ ଓଡ଼ିଶା ଏକ ଉତ୍କୃଷ୍ଟ ହସ୍ତଶିଳ୍ପ କଳାର ରାଜ୍ୟ । ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ଟି ହସ୍ତଶିଳ୍ପକୁ ଆଧାର କରି ୧ ଲକ୍ଷ ୩୦ ହଜାରରୁ ଉର୍ଦ୍ଧ୍ୱ କାରିଗରମାନେ ବିଭିନ୍ନ ସମାଗ୍ରୀ ଉତ୍ପାଦନ କରୁଛନ୍ତି । ହସ୍ତଶିଳ୍ପ କଳାକୃତି ପାଇଁ ଆମ ରାଜ୍ୟ ଓଡ଼ିଶା ବହୁସଂଖ୍ୟାରେ ଜାତୀୟ ସ୍ତରୀୟ ପୁରସ୍କାର ପ୍ରାପ୍ତ ହେବାର ଗୌରବ ଅର୍ଜନ କରିଛି । ଅଦ୍ୟାବଧି ୧୬୮ ଜଣ ହସ୍ତଶିଳ୍ପୀ ଜାତୀୟ ସ୍ତରୀୟ ପୁରସ୍କାର ପ୍ରାପ୍ତ ହୋଇଛନ୍ତି ଏବଂ ତନ୍ମଧ୍ୟରୁ ୪ ଜଣ ପଦ୍ମ ପୁରସ୍କାର, ୧୧ ଜଣ ଶିଳ୍ପ ଗୁରୁ ଭାବେ ସମ୍ମାନିତ ହୋଇଛନ୍ତି । ଏତଦ୍ ବ୍ୟତୀତ ୨୯୦ ଜର ହସ୍ତଶିଳ୍ପୀ ରାଜ୍ୟସ୍ତରୀୟ ପୁରସ୍କାର ଗ୍ରହଣ କରିଛନ୍ତି । ଟେରାକୋଟା ହସ୍ତଶିଳ୍ପଟି ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଅଟେ । ଏହାର ସାମଗ୍ରୀମାନ ପ୍ରାୟ ପ୍ରତି ଜିଲ୍ଲାରେ ପାରମ୍ପରିକ କୁମ୍ଭକାର ଏବଂ ପ୍ରଶିକ୍ଷଣ ପ୍ରାପ୍ତ କାରିଗରମାନଙ୍କ ଦ୍ୱାରା ଉତ୍ପାଦିତ ହେଉଛି । ଆମ ରାଜ୍ୟରେ ୧୦ ହଜାରରୁ ଉର୍ଦ୍ଧ୍ୱ କାରିଗର ଟେରକୋଟା କାମ କରି ବିଭିନ୍ନ ପାରମ୍ପରିକ, ଗୃହସଜ୍ଜା ଉପକରଣ ଓ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ରାଜ୍ୟରେ ୪୦ରୁ ଉର୍ଦ୍ଧ୍ୱ ଟେରାକୋଟା ହସ୍ତଶିଳ୍ପ ପୁଞ୍ଜ ରହିଛି । ତନ୍ମଧ୍ୟରୁ କେତେକ ମୁଖ୍ୟ ଟେରାକୋଟା ପୁଞ୍ଜଗୁଡ଼ିକ ହେଲା ସୋନପୁର (ସୁବର୍ଣ୍ଣପୁର), ବରପାଲି (ବରଗଡ଼), ହଳଧରପୁର (କେନ୍ଦୁଝର), ନୂଆଗାଁ (ଖୋର୍ଦ୍ଧା), ଲୁଣୁକିଆ (ଜଗତସିଂହପୁର), କୁସୁମି (କୋରାପୁଟ) ଇତ୍ୟାଦି ।

ବେଆଇନ୍ ବାଲି ଉତ୍ତୋଳନକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ

ବାଲେଶ୍ୱର,୬।୧୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଫୁଲଓ୍ୱାରକସବା ମୌଜାର ବୁଢାବଳଙ୍ଗ ନଦୀପଠାରୁ ବାଲି ଉତ୍ତୋଳନକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ସ୍ଥିତି ପରିଲକ୍ଷିତ ହୋଇଥିଲା । ବାଲି ଓ ମାଟି ଉତ୍ତୋଳନ କରାଯାଉଥିବା ଫୁଲାଡି ରାସ୍ତାର ବୁଢାବଳଙ୍ଗ ଲୁହା ପୋଲ ନିକଟରୁ ପ୍ରାୟ ଶହେ ମିଟର ଦୂର ଜମି ଗୁଡିକ ଗୋଚର ବୋଲି ଗୋଟିଏ ଗୋଷ୍ଠୀ ଦାବି କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଏହା ତାଙ୍କର ପୈତୃକ ଦଖଲ ସମ୍ପତି ବୋଲି କହିଛନ୍ତି । ତେବେ ସେମାନଙ୍କ ସତ୍ତ୍ୱ ଦଖଲ ଜମିରୁ ସ୍ଥାନୀୟ ଅସାମାଜିକ ଯୁବକମାନେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ସେମାନେ ଆରୋପ ଉଠାଇଛନ୍ତି । ସଦର ବ୍ଲକର ଦହପଡା ପଂଚାୟତ ଅନ୍ତର୍ଗତ କଂଟାବଣିଆ ଗ୍ରାମ ନିବାସୀ ଶେଖ ଲୋକମାନ ଅଲ୍ଲୀଙ୍କ ଭୋଗ ଦଖଲରେ ସମ୍ପୃକ୍ତ ଜମି ରହିଥିଲା । ତେବେ ତାଙ୍କ ଅନ୍ତେ ବହୁ ମାଲି ମକଦମା ପରେ ସମ୍ପ୍ରତି ସେହି ଜମିଗୁଡିକ ଅଲ୍ଲୀ ପରିବାର ଦଖଲରେ ରହିଛି । ମାତ୍ର ଫୁଲାଡି ଗ୍ରାମର କିଛି ଯୁବକ ସେହି ଜମି ପାର୍ଶ୍ୱରେ ଅନ୍ୟ ଏକ ଜମିକୁ ଲିଜ ସୁତ୍ରରେ ନେଇ ସେମାନଙ୍କ ଜମିରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲଛନ୍ତି ଅଲ୍ଲୀ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଏନେଇ ସେମାନେ ବାରମ୍ବାର ସହଦେବଖୁଂଟା ଥାନାରେ ଅଭିଯୋଗ କରୁଥିଲେ ବି ସେହି ଅଂଚଳରେ ଅସାମାଜିକ ଯୁବକମାନଙ୍କ ଉତ୍ପାତ କମିବାର ନାଁ ଧରୁନାହିଁ ବୋଲି ଅଲ୍ଲୀ ପରିବାରର ସଦସ୍ୟମାନେ କହିଛନ୍ତି । ଅନ୍ୟପକ୍ଷରେ ଫୁଲାଡି ଗ୍ରାମର ଯୁବକମାନେ ଅଲ୍ଲୀ ପରିବାରର ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି । କଂଟାବଣିଆ ଗ୍ରାମର ଅସାମାଜିକ ବ୍ୟକ୍ତିମାନେ ସରକାରୀ ଓ ଗୋଚର ଜମିକୁ ଜୋର ଜବରବସ୍ତ ଅକ୍ତିଆରରେ ରଖି ସେଥିରୁ ପ୍ରଚୁରମାତ୍ରାରେ ବାଲି ଉତ୍ତୋଳନ କରୁଥିବା ସେମାନେ ପାଲଟା ଅଭିଯୋଗ ଆଣିଛନ୍ତି । ବେଆଇନ ବାଲି ଉତ୍ତୋଳନକୁ ବନ୍ଦ କରାନଗଲେ ଆଗାମୀ ଦିନରେ ସମଗ୍ର ଫୁଲାଡି ଅଂଚଳରେ ବନ୍ୟା ପରିସ୍ଥିତି ଦେଖାଯିବ ବୋଲି ସେମାନେ କହିଛନ୍ତି । ତେବେ ବେଆଇନ ବାଲି ଉତୋଳନକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ଆଜି ମୁହାଁମୁହିଁ ହୋଇଥିଲେ । ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ଖବର ପାଇଁ ସହଦେବଖୁଂଟା ଥାନାଧିକାରୀ କୃଷ୍ଣଚନ୍ଦ୍ର ପଲେଇ ସଦଳବଳେ ପହଂଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିଥିଲେ । ଏହି ବିବାଦର ଏକ ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ବାଲି ଉତ୍ତୋଳନକୁ ବନ୍ଦ ରଖିବା ପାଇଁ ଶ୍ରୀ ପଲେଇ ଉଭୟ ଗୋଷ୍ଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

ଭୁବନେଶ୍ୱରରୁ ୬୧ ପଜିଟିଭ୍ , ୯୧ ସୁସ୍ଥ

ଭୁବନେଶ୍ୱର,୬।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଗତ କିଛି ଦିନ ଧରି ଲଗାତାର ଭାବେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୧୦୦ ତଳେ ରହୁଛି। ଏହି କ୍ରମରେ ଶୁକ୍ରବାର ରାଜଧାନୀରୁ ଆଉ ୬୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୧୩ ଜଣ ସଂଗରୋଧ ଓ ୪୮ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୯୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ୨ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୯,୫୮୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୮,୪୮୬ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୮୯୯ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୭୭ ଜଣଙ୍କର ମୃତ୍ୟୁ ହୋଇଛି।

ନୀଳଗିରିରେ ବେଧଡକ ଚାଲିଛି ମୋରମ ଚୋରି: ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛି ସରକାର

ନୀଳଗିରି ,୬।୧୧ (ନି.ପ୍ର): ନୀଳଗିରି ତହସିଲ ଅଂଚଳରେ ଦିନ ଦିପ୍ରହରେ ଓ ରାତିରେ ବେଧଡକ ଚାଲିଛି ମୋରମ ଚୋରି , ମାଫିଆ ମାନେ ଲକ୍ଷ ଲକ୍ଷ ଟଙ୍କା ଲାଭ କରୁଥିବା ବେଳେ ସରକାରଙ୍କୁ କ୍ଷତିସହିବାକୁ ପଡୁଛି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ। ଏଥିପ୍ରତି ସ୍ଥାନୀୟ ପ୍ରଶାସନର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ଥାଉକି ଗତକାଲି ରାତିରେ ନୀଳଗିରି ତହସିଲ ଅଧିନସ୍ଥ ଅଯୋଧ୍ୟା କଲେଜ ନିକଟସ୍ଥ ଜୈନିକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜାଗାରୁ ଉକ୍ତ ମୋରମ ଉଠାଣ ହୋଇଥିବା ବେଳେ ବହୁ ଖୋଳା ମୋରମ୍ ବିଭିନ୍ନ ସ୍ଥାନରେ ଜମା କରି ରାତିରେ ମୋରମ ଚାଲଣ କରାଯାଉଛି । ମୋରମ ଉଠାଯାଇଥିବା ଜାଗାଟି ପ୍ରକୃତରେ ବ୍ୟକ୍ତିଗତ ଜାଗାକି ସରକାରୀ ତାହା ମଧ୍ୟ ସନ୍ଦେହ ଘେରରେ ? ବ୍ୟକ୍ତିଗତ ଜାଗାରୁ ମୋରମ୍ ଉଠାଣ ପାଇଁ ତହସିଲଦାରଙ୍କ ପାଖରୁ କୌଣସି ଅନୁମତି ନନେଇ କେଉଁ ସାହସରେ ନିରୀହ ଆଦିବାସୀ ବ୍ୟକ୍ତିଙ୍କ ଜାଗାରୁ ମୋରମ୍ ଚୋରୀ କରି ମୋରମ ଦଲାଲ ମାନେ ଲକ୍ଷ ଲକ୍ଷ ଟଙ୍କାର ଆତ୍ମସାତ୍ କରୁଥିବା ବେଳେ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ହେବା ସହିତ ପରିବେଶ ନଷ୍ଟ ହେବାରେ ଲାଗିଛି। ଏହି ଚୋରା ମୋରମ ଚାଲଣ କୁ ନେଇ ଏବେ ସନ୍ଦେହ ଘେରକୁ ଆସିଛନ୍ତି ତହସିଲଦାର । ପ୍ରକୃତରେ ସରକାରୀ ବାବୁ ଓ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଏହା ଆତ୍ମସାତ ହେଉଛି ନା ପ୍ରଶାସନକୁ ମୋରମ ମାଫିଆ ମାନେ ଚକ୍ଷୁ ଦେଖାଇ ଅଯୋଧ୍ୟା, ମହିଷାପଟା, ପାଟଣା, ବେଗୁନିଆ, ମିତ୍ରପୁର, ପୋଡାଶୂଳ, ବାଘମରା, ନରଣପୁର, ଜଡିବାଲି, ବାଦାମବାଡି ସମେତ ବହୁ ସ୍ଥାନରୁ ଚୋରା ମୋରମ ଚାଲଣ ହେଉଥିଲେ ସୁଦ୍ଧା ତହସିଲଦାର କିମ୍ବା ଉପଖଣ୍ଡ ପ୍ରଶାସନ ଜାଣିପାରୁନାହିଁ କେମିତି ? ଯଦି ବେଳହୁଁ ସାବଧାନ ନୀତିରେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତାହାଲେ ନୀଳଗିରି ଅଂଚଳରୁ ମୋରମ ଶୂନହେବା ନିଶ୍ଚିତ। ପରବର୍ତି ପିଢୀ ଇତିହାସ ପୃଷ୍ଠାରେ ନୀଳଗିରିରେ ମୋରମ ସମ୍ପର୍କରେ ପଢି ସାର ହେବ । ଏଥିପ୍ରତି ନୀଳଗିରି ତହସିଲଦାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି । ଘଟଣା ସମ୍ପର୍କରେ ନୀଳଗିରି ତହସିଲଦାର ଅଶେଷ ନାୟକଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଖବର ପାଇ ମୁଁ ଅଯୋଧ୍ୟା ଅଂଚଳକୁ ଯାଇଥିଲି କିନ୍ତୁ ଚୋରୀ ବେହା ଜାଗା ପାଇନାହିଁ । ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ଓଡ଼ିଆ ସମାଜର "ଓଡ଼ିଶାର କୃଷି ଓ ଆତ୍ମନିର୍ଭରତା" ୱେବିନାରରେ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

ରାଜ୍ୟରେ ଯୁବପିଢିଙ୍କ ମଧ୍ୟରେ ଚାଷ କାର୍ଯ୍ୟ ପ୍ରତି ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ପଡିବ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର ,୬।୧୧ (ନି.ପ୍ର): ଆଗାମୀ ଦିନରେ ରାଜ୍ୟର ଯୁବପିଢିଙ୍କ ମଧ୍ୟରେ ଚାଷ କାର୍ଯ୍ୟ ପ୍ରତି ଆତ୍ମବିଶ୍ୱାସ ତିଆରି କରିବା ପାଇଁ ଓଡ଼ିଆ ସମାଜ ପରି ସାମାଜିକ ସଂଗଠନ ଦାୟିତ୍ୱ ନେବା ଦରକାର ବୋଲି ଶୁକ୍ରବାର ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ "ଓଡ଼ିଶାର କୃଷି ଓ ଆତ୍ମନିର୍ଭରତା" ଶୀର୍ଷକ ୱେବିନାରରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଓଡ଼ିଶାର ୮୦ଲକ୍ଷ ଘର ତଥା ପରିବାର ଚାଷ ତଥା ଜଙ୍ଗଲଜାତ, ମତ୍ସ୍ୟ ଓ ପଶୁପାଳନ, ପନିପରିବା ବିକ୍ରି କରିବା ଉପରେ ନିର୍ଭର କରିଥାନ୍ତି । ତେବେ ଏହି ଓଡ଼ିଶାର ୮୦ ଲକ୍ଷ ଘରେ ମହୁ ଚାଷ, କିଚେନ୍ ଗାର୍ଡେନ୍ ଭଳି ଅନେକ କୃଷିଜାତ ସାମଗ୍ରୀ ଉତ୍ପାଦନ କରିବା ଭଳି ବ୍ୟବସ୍ଥା ହୋଇପାରିବ । ତେବେ ଘରେ ଯେଉଁ ସବୁ ଆବର୍ଜନା ପଡ଼ି ରହିଛି ତାହାକୁ ଉପଯୋଗ କରାଯାଇ ଏକ 'ଉଦ୍ୟମୀ ମଡେଲ୍' ତିଆରି କରିବାର ଆବଶ୍ୟକତା ରହିଛି । ଫଳରେ ଏହି ବ୍ୟବସାୟିକ ଲାଭରୁ ରାଜ୍ୟର ଅର୍ଥନୀତିକୁ ମଜବୁତ୍ କରାଯାଇପାରିବ । ନୂଆ ଟେକ୍ନୋଲୋଜିକୁ ଉପଯୋଗ କରାଯାଇ ବର୍ତମାନ ଆଖୁ ରସ, ଚାଉଳରୁ ଇଥାନଲ ପ୍ରସ୍ତୁତ କରାଯାଉଛି । ତେବେ ଯଦି ଆଗାମୀ ଦିନରେ ମକାରୁ ଇଥାନଲ ତିଆରି କରିବା ପାଇଁ ଅନୁମତି ଦିଆଯିବ ତେବେ ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ମକାରୁ ଇଥାନଲ ପ୍ରସ୍ତୁତ କଳକାରଖାନା ପ୍ରତିଷ୍ଠା କରାଯାଇପାରିବ । ଫଳରେ ସ୍ଥାନୀୟ ଚାଷୀମାନେ ଲାଭବାନ ହୋଇପାରିବେ ।

ଭାରତ ସରକାରଙ୍କ କୃଷି ନୀତି ଫଳରେ ରାଜ୍ୟର ଚାଷୀମାନେ କୃଷି ସାମଗ୍ରୀର ଉତ୍ପାଦନ, ବଜାରରେ ବିକ୍ରି ଏବଂ କୃଷି ସାମଗ୍ରୀକୁ ସଂରକ୍ଷଣ କରି ରଖିବାର ସ୍ୱାଧୀନତା ପାଇବେ । ନୂଆ କୃଷି ନୀତିରେ ଅଣସରକାରୀ ସଂସ୍ଥା ଗୁଡ଼ିକ କୃଷି କ୍ଷେତ୍ରରେ ପୁଞ୍ଜିନିବେଶ ମଧ୍ୟ କରିପାରିବେ । ନୂଆ କୃଷି ନୀତିରେ ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନରେ ଥିବା ପ୍ରତିବନ୍ଧକ ଓ ଦ୍ୱନ୍ଦକୁ ଦୂର କରାଯାଇଛି । ବିଶ୍ୱର ଯେ କୌଣସି ବଜାରରେ ଜଣେ କ୍ଷୁଦ୍ର ଚାଷୀ ନିଜର ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରିବା ପାଇଁ ସାମର୍ଥ୍ୟ ହୋଇଛି । କୃଷି ଭିତିଭୂମିକୁ ମଜବୁତ୍ ଓ କୃଷକଙ୍କୁ ସଶକ୍ତ କରିବା ପାଇଁ ୧ ଲକ୍ଷ କୋଟି ଟଙ୍କାର କୃଷି ଭିତିଭୂମି ପାଣ୍ଠି ଓ ଏଫପିଓର ବ୍ୟବସ୍ଥା ହୋଇଛି । ଏହା ଦ୍ୱାରା ଓଡ଼ିଶା ସମେତ ଭାରତବର୍ଷର ଚାଷୀମାନେ ଲାଭବାନ ହେବେ । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସମାଜର ସଭାପତି ଶ୍ରୀ ସିଦ୍ଧାର୍ଥ ପ୍ରଧାନ, ସଫଲର ବ୍ୟବସାୟିକ ମୁଖ୍ୟ ପ୍ରଦୀପ୍ତ କୁମାର ସାହୁ, ଆଡମିନିଷ୍ଟ୍ରେଟିଭ୍ ଷ୍ଟାଫ କଲେଜ୍ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ମହାନିର୍ଦ୍ଦେଶକ ଡ. ଏସ.କେ ପଟ୍ଟନାୟକ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ସଚିବ ଏବଂ ମହାନିର୍ଦ୍ଦେଶକ ଡ. ତ୍ରିଲୋଚନ ମହାପାତ୍ର, ଓଡ଼ିଶା ସରକାରର କୃଷି ଓ କୃଷକ ସଶକ୍ତକରଣର ପ୍ରମୁଖ ସଚିବ ଡ. ସୌରଭ ଗର୍ଗ, ଭାରତ ସରକାରଙ୍କ କୃଷି ସମବାୟ ଏବଂ କୃଷକ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଶ୍ରୀ ପିକେ ସ୍ୱାଇ, ନାଫେଡର ପ୍ରବନ୍ଧନ ନିର୍ଦ୍ଦେଶକ ଶ୍ରୀ ସଞ୍ଜୀବ କୁମାର ଚଢ଼ା, ପ୍ରମୁଖ ବକ୍ତା ଭାବେ ଯୋଗଦେଇ ଓଡ଼ିଶା କୃଷି ଓ କୃଷକକୁ ଆତ୍ମନିର୍ଭର କରିବା ଉପରେ ନିଜର ମତମନ୍ତବ୍ୟ ରଖିଥିଲେ । ରାଜ୍ୟର କୃଷକଙ୍କୁ ଆତ୍ମନିର୍ଭର କରିବା,ଯୁବପିଢିଙ୍କୁ କୃଷି କ୍ଷେତ୍ର ଓ କୃଷି ଉଦ୍ୟୋଗୀ ସହ ଯୋଡ଼ିବା,କୃଷି କ୍ଷେତ୍ରରେ ଥିବା ଆହ୍ୱାନକୁ ଚିହ୍ନଟ କରିବା ଓ ରାଜ୍ୟରେ କୃଷି କ୍ଷେତ୍ରରେ ଥିବା ସମ୍ଭାବନାକୁ ଉପଯୋଗ କରିବା ଉପରେ ଆଲୋଚନା ହୋଇଥିଲା ।

ଦିନ ଦ୍ୱିପ୍ରହରରେ ତେଲେଙ୍ଗା କଟୁରି ଦେଖାଇ ଲୁଟ ଉଦ୍ୟମ

ଟଙ୍କାବ୍ୟାଗ ଲୁଟି ଦୌଡି ପଳାଉଥିବା ବେଳେ କାବୁ କରି ମାଡମାରିଲେ ଲୋକେ

ପାଂଚ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ, ୨ ଗିରଫ

ବାରିପଦା ଟାଉନ ,୬।୧୧ (ନି.ପ୍ର): ବାରିପଦା କଚେରୀ ବଜାର ପରିବା ମାର୍କେଟ ଅଂଚଳରୁ ଆଜି ଦିନ ଦ୍ୱିପ୍ରହରରେ ୨ଜଣ ଲୁଟେରା ଭୁଜାଲି ଦେଖାଇ ଟଙ୍କାବ୍ୟାଗ ଲୁଟ କରି ଦୌଡି ପଳାଉଥିବା ସମୟରେ ସ୍ଥାନୀୟ ଲୋକ ଏବଂ ବ୍ୟବସାୟୀଙ୍କ ଦ୍ୱାରା ଧରିପଡି ଉତ୍ତମ ମଧ୍ୟମ ପାଇଥିବା ବେଳେ ପୋଲିସ ଦ୍ୱାରା ଧରାପଡି ଗିରଫ ହୋଇଥିବାର ଜଣାଯାଇଛି । ସୂଚନାଯୋଗ୍ୟ, ଗୁରୁବାର ସକାଳ ପ୍ରାୟ ୧୧ଟା ୩୦ ମିନିଟ ସମୟରେ ବାରିପଦା କଚେରୀ ବଜାର ଡେଲି ପରିବା ମାର୍କେଟରେ ଥିବା ଏକ ପରିବା ଗୋଦାମର ମାଲିକ ବାସୁଦେବ ଜେନା ଅନୁପସ୍ଥିତି ଥିବା ସମୟରେ ତାଙ୍କ ପରିବା ଗୋଦାମରୁ କର୍ମଚାରୀ ତଥା ଲୋକଙ୍କୁ ଲୁଟେରା ମାନେ ଛୁରୀ ଭୁଜାଲି ଦେଖାଇ ଟଙ୍କାଭର୍ତ୍ତି ଥିବା ବ୍ୟାଗକୁ ଲୁଟ କରି ସ୍ଥାନୀୟ ଝିରିବନ୍ଧ ଆଡ଼କୁ ଦୌଡି ପଳାଇ ଯାଇଥିଲେ। ତେବେ ଏହା ଦେଖି ପରିବା ଗୋଦାମର ଅନ୍ୟ କର୍ମଚାରୀ, ସ୍ଥାନୀୟ ଲୋକ ଓ ସ୍ଥାନୀୟ ଅଂଚଳରେ କାର୍ଯ୍ୟରତ ଥିବା ଟ୍ରାଫିକ ପୋଲିସ କର୍ମଚାରୀ ମାନେ ଲୁଟେରାଙ୍କୁ ଧରିବା ପାଇଁ ପିଛା କରିଥିଲେ। ତେବେ କିଛି ସମୟ ପରେ ଦୁଇଜଣ ଲୁଟେରାଙ୍କୁ ସ୍ଥାନୀୟ ଲୋକେ ଧରିବାରେ ସଫଳ ହୋଇଥିଲେ ଏବଂ ଉତ୍ୟକ୍ତ ଲୋକେ ଦୁଇ ଲୁଟେରାକୁ ପିଟାମରା କରିଥିଲେ। ଖବରପାଇ ଘଟଣାସ୍ଥଳରେ ପୋଲିସ ପିସିଆର ଗାଡି ପହଁଚିବା ପରେ ସ୍ଥାନୀୟ ଲୋକମାନେ ଦୁଇ ଲୁଟେରାଙ୍କୁ ବାରିପଦା ଟାଉନ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ତାଙ୍କ ଠାରୁ ୫ଲକ୍ଷ ୮୭ହଜାର ୫୦୦ଟଙ୍କା ଥିବାର ଏକ ବ୍ୟାଗ୍ ଉଦ୍ଧାର କରିବା ସହିତ ଏକ ତେଲେଙ୍ଗା କଟୁରି ଜବତ କରିଥିଲା। ଏନେଇ ପୋଲିସ ବାରିପଦା ଟାଉନ ଥାନାରେ ୭୭୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଥିବାର ଜନାଯାଇଛି । ଧରା ହୋଇଥିବା ଦୁଇଜଣ ଲୁଟେରା ଝିରିବନ୍ଦ ଅଂଚଳର କ୍ରିଷ୍ଣା ମୁଖୀ(୨୦) ଓ କୁଳିଅଣା ଅଂଚଳର ହେମନ୍ତ ମୁଖୀ (୩୬)କୁ ପୋଲିସ ଭାରତୀୟ ପିଙ୍ଗଳକୋର୍ଡ ୩୯୪/୩୪ ଧାରାରେ ଗିରଫ କରି କୋର୍ଟ ଚାଲାଣ କରିଥିବାର ବାରିପଦା ଟାଉନ ଥାନାଧିକାରୀ ବିରେନ୍ଦ୍ର ସେନାପତି ସୂଚନା ପ୍ରଦାନ କରିଛନ୍ତି। ତେବେ ଘଟଣାକୁ ନେଇ ବାରିପଦାରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ, ବାରିପଦା ଭଳି ଏକ ଶାନ୍ତ ସହରରେ ଦିନକୁ ଦିନ ଏହିଭଳି କୁଲୁମଖୁଲା ଚୋରୀ ଡକାୟତି ଲୁଟ ଭଳି ଘଟଣା ମାନ ବୃଦ୍ଧି ପାଉଥିବାରୁ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ସାଧାରଣ ଲୋକେ ମଧ୍ୟ ନିଜକୁ ସୁରକ୍ଷିତ ମଣୁ ନଥିବାର ଦେଖାଯାଉଛି । ତେବେ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ପାଇଁ ଖାଲିପଡିଥିବା ପୋଲିସ ଅଧିକାରୀ ତଥା କର୍ମଚାରୀ ପଦ ତ